ବର୍ଷ-୨୫, ସଂଖ୍ୟା-୧୬୮
ଭୁବନେଶ୍ୱର
୨୨, ଜୁନ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 168
Bhubaneswar
22, June, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ସ୍କୁଲ ପାଠ୍ୟକ୍ରମରେ ସାମିଲ ହେବ 'ଯୋଗ'



**ଭୁବନେଶ୍ୱର,୨୧।୬ (ମହାଭାରତ):** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି। ଏହି ଅବସରରେ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଅଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ। ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲା ମଧ୍ୟ ସେଥିପାଇଁ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଏହା ଜଡିତ ନୁହେଁ। ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ଉଦ୍ବୁଦ୍ଧ କରୁଥିବା ଯୋଗ, ଆଜି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ପାରିଛି। ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା। କିନ୍ତୁ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ୨୦୧୪ ମେ' ମାସରେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଛ' ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଫଳରେ ୨୦୧୪ ଡିସେମ୍ବର ୧୧ ତାରିଖରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧ ତାରିଖକୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରୀତ କରିଥିଲା। ଆଜି ପୃଥିବୀର ପ୍ରାୟ ସବୁ ଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ। ଏଥିରେ ଦର୍ଶାଯାଇଛି ଯେ, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଏବଂ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି।

ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରୁଛୁ। ଆମର ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ ଆମେ କର୍ମଶାଳା ଆୟୋଜନ କରୁଛୁ ଏବଂ ସଚେତନତା ସୃଷ୍ଟି କରୁଛୁ। ଆମେ ଯୋଗକୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଏବଂ ଦକ୍ଷ ତଥା ସଶକ୍ତ ଓଡ଼ିଶା ଗଠନ କରିବା। ଆଜି, ଓଡ଼ିଶାର ସମସ୍ତ ଜିଲ୍ଲାରେ ଯୋଗ ଅଧିବେଶନ ଅନୁଷ୍ଠିତ ହେଉଛି।

### ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ଓ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଲେ ନନ୍ଦିତା ଦାସ

## ଓଡ଼ିଶାର ସଂସ୍କୃତିକୁ ବିଶ୍ୱସ୍ତରୀୟ କରାଯିବ



**ଭୁବନେଶ୍ୱର,୨୧।୬ (ମହାଭାରତ):** ଲୋକସେବା ଭବନରେ ଅଭିନେତ୍ରୀ ଏବଂ ଚଳଚ୍ଚିତ୍ର ନିର୍ମାତା ଶ୍ରୀମତୀ ନନ୍ଦିତା ଦାସ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ସମୟରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱବିଦିତ କରାଇବା ଓ ଓଡିଶା ମାଟିକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଶ୍ରୀମତୀ ଦାସ କିଛି ପ୍ରସ୍ତାବ ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ଏହିସବୁ ପ୍ରସ୍ତାବରେ ଆଗେଇବା ନିମନ୍ତେ ସେ ଓଡ଼ିଶା ସରକାର, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏବଂ ସଂସ୍କୃତି ମନ୍ତ୍ରୀ ତଥା ବିଭାଗର ସହାୟତା ଲୋଡ଼ିଛନ୍ତି। ପ୍ରସ୍ତାବ ଗୁଡ଼ିକ ଉପରେ ବିଭାଗୀୟ ଆଲୋଚନା ପରେ ସରକାରଙ୍କ ତରଫରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି । ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କରୁଥିବା ପ୍ରୟାସ ନିଶ୍ଚିତରୂପେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।

## ବାଲେଶ୍ୱରରେ ବନ୍ୟା ପରିସ୍ଥିତି



**ବାଲେଶ୍ୱର,୨୧।୬ (ମହାଭାରତ):** ସୁବର୍ଣ୍ଣରେଖାରେ ବନ୍ୟା ପାଣି ଯୋଗୁଁ ବାଲେଶ୍ୱରର ୩ ବ୍ଲକ୍ ପ୍ରଭାବିତ ହୋଇଛି ବୋଲି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ବାଲେଶ୍ୱରର ବସ୍ତା, ବାଲିଆପାଳ, ଭୋଗରାଇରେ ତଳିଆ ଅଂଚଳ ପ୍ରଭାବିତ ହୋଇଛି। ରାଜଘାଟରେ ଏବେ ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା ପ୍ରବାହିତ ହେଉଛି। ଉପର ମୁଣ୍ଡରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ପଦକ୍ଷେପ ନିଆଯାଉଛି। ଏବେ ସମୁଦ୍ରରେ ପରିସ୍ଥିତି ଅନୁକୂଳ ଥିବାରୁ ଶୀଘ୍ର ପାଣି କମିବ। ସୁବର୍ଣ୍ଣରେଖା ନଦୀରେ ହଠାତ ପାଣି ଆସିବା ଯୋଗୁଁ ଭୋଗରାଇ ବ୍ଲକର ନଦୀକୂଳିଆ ଏକାଧିକ ଗାଁରେ ପାଣି ପଶିଛି। ଶହ ଶହ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। କୁମ୍ଭୀରଗଡ଼ି, ଫତେଇ, ବାଉଁଶଖଣା, କୁହ୍ଲ ମାଟିଖଣା ଓ ଖଳାବାଡ଼ିଆ ଗାଁରେ ପାଣି ପଶିଥିବା ବେଳେ ଗ୍ରାମବାସୀ ଗୃହପାଳିତ ପଶୁଙ୍କୁ ଧରି ନଦୀ ବନ୍ଧରେ ପଳିଥିନ୍ ଟାଙ୍ଗି ଆଶ୍ରୟ ନେଇଛନ୍ତି। ଭୋଗରାଇ ବ୍ଲକ୍ ଝାଳସରି ସୁଇସ୍ ଗେଟରେ ଫାଟ ସୃଷ୍ଟି ହୋଇଥିବା ବେଳେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ଏହାରି ଭିତରେ ଜଳେଶ୍ୱରରୁ ଆସିଛି ଅଘଟଣର ଦୃଶ୍ୟ। କୁହ୍ଲାଚଢ ଗାଁର ମହେଶ୍ୱର ନାମକ ଯୁବକ ସୁବର୍ଣ୍ଣରେଖା ନଦୀର ବନ୍ୟାଜଳରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ବାଲିଆପାଳ ଅଞ୍ଚଳର ଜଣେ ଯୁବକ ଟାପୁରେ ଫଶିଛନ୍ତି।

## ଡାଇରିଆ ସ୍ଥିତି ନିୟନ୍ତ୍ରଣାଧିନ, ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର,୨୧।୬( ମହାଭାରତ):** ରାଜ୍ୟର ଛଅଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତି ଓ ଏହାର ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନ ଠାରେ ସମୀକ୍ଷା କରିଛନ୍ତି। ରାଜ୍ୟରେ ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ଓ ନୂତନ ସଂକ୍ରମିତଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଥିବା ନେଇ ବୈଠକରୁ ଜଣାପଡିଛି ଏବଂ ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ଡାଇରିଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ଜନଜୀବନ ସ୍ୱାଭାବିକ ସ୍ଥିତିକୁ ଫେରି ଆସୁଛି। ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଡାଇରିଆ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି ଓ ସଂକ୍ରମଣ ଦ୍ରୁତ ହ୍ରାସ ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ପରିସ୍ଥିତି ଯେପରି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିବ, ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠୁ ମେଡ଼ିକାଲ କଲେଜ ଯାଏଁ ଚିକିତ୍ସା ସେବାକୁ ବର୍ତ୍ତମାନ ପରି ସମନ୍ୱିତ ଭାବରେ କାର୍ଯ୍ୟକ୍ଷମ ରଖିବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁଠାରେ ରୋଗର ଆଶଙ୍କା ଅଛି କିନ୍ତୁ କେସ ନାହିଁ, ସେଠାରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଦଶହରା ପର୍ଯ୍ୟନ୍ତ ସମସ୍ତ ପ୍ରଭାବିତ ଏବଂ ସମ୍ଭାବ୍ୟ ପ୍ରଭାବିତ ଅଂଚଳ ମାନଙ୍କରେ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ସୂଚନା ଦିଆଯାଇଥିଲା ଯେ, ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ବିଶୋଧନ ପ୍ରକ୍ରିୟା ଚାଲୁରହିଛି। କୌଣସି ସ୍କୁଲରେ ପିଲା ଯେପରି ରୋଗରେ ନପଡନ୍ତି ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ସମସ୍ତ ନିୟମାବଳୀ ପାଳନ କରି ପ୍ରତିରୋଧକ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ।

## ଓମ୍ଫେଡ୍ କ୍ଷୀରର ଦାମ୍ ବଢ଼ିଲା

**ଭୁବନେଶ୍ୱର,୨୧।୬(ମହାଭାରତ):** ପୁଣି ବଢ଼ିଲା ଓମ୍ଫେଡ୍ କ୍ଷୀରର ଦାମ୍। ଆଜିଠୁ ଲିଟର ପିଛା ୨ ଟଙ୍କା ମହଙ୍ଗା ହେଲା ଓମ୍ଫେଡ୍ କ୍ଷୀରର ଦାମ। ଓମ୍ଫେଡ୍ର ପ୍ରିମିୟମ କ୍ଷୀର ଦର ଅଧ ଲିଟର ଦାମ୍ ୧ଟଙ୍କା ବୃଦ୍ଧି ପାଇଛି। ୨୬ଟଙ୍କାରୁ ବଢି ୨୭ ଟଙ୍କା ହୋଇଛି। ବାକି ଓମ୍ଫେଡ୍ ଗୋଲ୍ଡ ମିଲ୍କ ଲିର୍ଟ ପିଛା ୫୨ ଥିଲା। ଏବେ ଏହା ବଢି ୫୬ ଟଙ୍କା ହୋଇଛି।




ସେହିପରି ଓମ୍ଫେଡ୍ ଟନ୍ଡ୍ ମିଲ୍କ ଲିଟର ପିଛା ୪୬ ଟଙ୍କା ଥିଲା। ଆଉ ବର୍ଦ୍ଧିତ ଦର ପରେ ୫୦ଟଙ୍କାରେ ପହଞ୍ଚିଛି।

## ୨ ଶିଶୁଙ୍କୁ ନିର୍ଯାତନା ଅଭିଯୋଗ

**ଭୁବନେଶ୍ୱର,୨୧।୬(ମହାଭାରତ):** ରସୁଲଗଡ଼ ଜିଜିପି କଲୋନୀରେ ଦୁଇଜଣ ଛୋଟ ଛୁଆଙ୍କୁ ସେମାନଙ୍କର ବାପା ଓ



ଜେଜେମା ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଂଚେଶ୍ୱର ଥାନା ପୋଲିସ ଦୁଇ ଶିଶୁଙ୍କୁ ଉଦ୍ଧାର କରିଛି। ମଂଚେଶ୍ୱର ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି ଦୁଇ ଶିଶୁଙ୍କ ମେଡିକାଲ ଟେଷ୍ଟ ହେବା ପରେ ସିଡବ୍ଲୁସିରେ ହାଜର କରାଯିବ। ସେପଟେ ଜେଜେ ମା ଓ ବାପା କୁ ଅଟକ ରଖି ପୋଲିସର ଛାନ ବିନ କରୁଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

**ଭୁବନେଶ୍ୱର,୨୧।୬(ମହାଭାରତ):** ରାଜ୍ୟରେ ବିଜେପି ଦଳ ଶାସନ କ୍ଷମତାକୁ ଆସିବା ଏକବର୍ଷ ପୂର୍ଣ୍ଣ ହୋଇଛି। ଏହି ଏକ ବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ତା ସହିତ ସାରା ରାଜ୍ୟରେ ନାରୀ ନିର୍ଯ୍ୟାତନା, ବାଳିକା ଅପହରଣ ଓ ଗଣଧର୍ଷଣ ଉଦ୍‌ବେଗ ଜନକ ଭାବରେ ବୃଦ୍ଧି ପାଇଛି। ଏହି ସବୁ ଘଟଣାକୁ ଅନୁଧ୍ୟାନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଶ୍ରୀମତୀ ଦିପା ଦାସମୁନ୍‌ଷିଙ୍କ ଆବାହକତ୍ୱରେ ସାଂସଦ ଶ୍ରୀମତୀ ରଞ୍ଜିତ ରଞ୍ଜନ, ସାଂସଦ ଶ୍ରୀମତୀ ପ୍ରଣିତି ସିନ୍ଧେ, ସାଂସଦ ଶ୍ରୀମତୀ ଏସ ଜଥିମଣି ଓ ଶ୍ରୀମତୀ ଶୋଭା ଓଜାଙ୍କୁ ନେଇ ଗଠିତ ଏକ ତଥ୍ୟ ଅନୁଧ୍ୟାନ କମିଟି ଓଡ଼ିଶା ଆସିଛନ୍ତି ଏବଂ ବିଭିନ୍ନ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦୁପତ୍ର ସଂଘ

**ଭୁବନେଶ୍ୱର,୨୧।୬(ମହାଭାରତ):** ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଥିବାରୁ ଆଜି ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଆସିଥିବା ଓଡିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହିତ ଉପସ୍ଥିତ ଥିଲେ। ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ ଅଧିନରେ ପ୍ରାୟ ୯ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର। ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡା, ଟୋପି, ମସାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି। ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି। ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି। ଏ ସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ।

## ନବୀନ ବାବୁଙ୍କ ଆରୋଗ୍ୟ କାମନା କରି ପ୍ରଦୀପ ପ୍ରଜ୍ୱଳନ

**ଭୁବନେଶ୍ୱର,୨୧।୬(ମହାଭାରତ):** ଭୁବନେଶ୍ୱର ରାମ ମନ୍ଦିର ପ୍ରାଙ୍ଗଣରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସଂଯୋଜନାରେ ଶନିବାର ସନ୍ଧ୍ୟାରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦୀପ ପ୍ରଜ୍ୱଳନ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ଶ୍ରୀ ପଟ୍ଟନାୟକ କିଭଳି ଶୀଘ୍ର ସୁସ୍ଥ ହୋଇ ଭୁବନେଶ୍ୱର ଫେରିବେ ସେଥିପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା।



ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗୀନ ଛୁରିଆ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ପ୍ରବଣ ବଳବନ୍ତରାୟ, ସାଧାରଣ ସମ୍ପାଦକ ବିଜୟ ନାୟକ, ମନ୍ମଥ ରାଉତରାୟ, ନାରୀ ନେତ୍ରୀ ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ପ୍ରୀତିନନ୍ଦା ରାଉତରାୟଙ୍କ ସହିତ ବହୁ କର୍ପୋରେଟର, ଯୁବଛାତ୍ର, ବିଭିନ୍ନ ନାଗରିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ ଯୋଗ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୧।୬(ମହାଭାରତ):** ଅନାଦି ଅନନ୍ତ କାଳରୁ ଭାରତରେ ଜନ୍ମ ନେଇଥିବା ଯୋଗ ଅଭ୍ୟାସ ବିଶ୍ୱରେ ଏକ ଜନଆନ୍ଦୋଳନରେ ପରିଣତ ହେଉଛି । ଯୋଗ ; ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ ବୋଲି ଶନିବାର ସମ୍ବଲପୁରରେ ୧୧ତମ 'ଅନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମ୍ବଲପୁରର ମାଆ ସମଲେଶ୍ୱରୀଙ୍କ ପୀଠ ଓ ମହାନଦୀର ଉପକୂଳ ଅଞ୍ଚଳରେ ସମ୍ବଲପୁରର ଜନସାଧାରଣଙ୍କ ସହ ଯୋଗ କରିବା ସହ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ । ବିଶେଷ ଭାବରେ ସ୍କୁଲରୁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନ, ସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ସହ ସମବେତ ହୋଇ ଯୋଗ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଯୋଗ ଦିବସ -୨୦୨୫ ବିଷୟବସ୍ତୁ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।



ସେ କହିଥିଲେ ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ୨୦୧୪ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ। ଭାରତର ପ୍ରସ୍ତାବକୁ ୧୫୦ରୁ ଅଧିକ ଦେଶ ସମର୍ଥନ ଦେଇଥିଲେ । ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଯୋଗ ଏକ ସିଦ୍ଧ ଉପଚାର ଅଟେ । ବ୍ଲଡ ପ୍ରେସର, ମଧୁମେହ ଭଳି ରୋଗକୁ ପ୍ରତିହତ କରିବା ପାଇଁ ଆମକୁ ଏକ ସୁସ୍ଥ ଜୀବନଶୈଳୀକୁ ବିକଶିତ କରିବା ପାଇଁ ପଡ଼ିବ। ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ମଧ୍ୟ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁରର ଗୋଟିଏ ଚରିତ୍ର, ସଂସ୍କୃତି ଓ ଉତ୍ସାହ ଅଛି । ଶାରିରୀକ ସୁସ୍ଥତାରେ ସମ୍ବଲପୁର ରାଜ୍ୟ ଓ ଦେଶର ପ୍ରମୁଖ ଅଞ୍ଚଳ ଭାବରେ ଉଭା ହେଉଛି । କ୍ରୀଡ଼ା, ବ୍ୟାୟାମ, କୁସ୍ତି ତଥା ପ୍ରାତଃ ଭ୍ରମଣ ଓ ସଂଧ୍ୟା ଭ୍ରମଣ ଲୋକମାନଙ୍କ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ସମସାମୟିକ ସମୟରେ ଆମକୁ ସମ୍ବଲପୁରକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ପଡ଼ିବ । ଆଗାମୀ ଦିନରେ ଯେପରି ସମ୍ବଲପୁର ଜିଲ୍ଲାର ପ୍ରତିଟି ଗାଁର ନାଗରିକମାନେ ଯୋଗ ଦିବସ ପାଳନ କରିବେ, ସେ ଦିଗରେ ଆମେ ପ୍ରସ୍ତୁତି କରିବା ଦରକାର । ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଜିଲ୍ଲାର ନାଗରିକଙ୍କ ମଧ୍ୟରେ ସମ୍ପନ୍ନତା ଆଣିବା ପାଇଁ ପ୍ରୟାସ କରିବା ସହ ସୁସ୍ଥ ଓ ସୁଖୀ ଜୀବନଯାପନ ପାଇଁ ଯୋଗକୁ ଗ୍ରହଣ କରିବା ପାଇଁ ଶ୍ରୀ ପ୍ରଧାନ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜନ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ସହ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଯୋଗ ପାଳିଥିଲେ । ଉଲ୍ଲେଖନୀୟ ଯେ ବିଶାଖାପାଟଣାରୁ ପ୍ରଧାନମନ୍ତ୍ରୀଙ୍କ ଯୋଗ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ୍ୟ ଏଠାରେ ପ୍ରସାରିତ ହୋଇଥିଲା।

## ଚିକେନ ଗୁପଚୁପ

ଆବଶ୍ୟକ ସାମଗ୍ରୀ : ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆ।ଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ। ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ। ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ । ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁ଼ ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟରେ ଥିବା ଚିକେନ୍ ପକାଇ କଷନ୍ତୁ। ଗ୍ୟାସକୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା। ଏହାପରେ ପୁଦିନା ପତ୍ର,ରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି। ଏହା ପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ। ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ।



### ଖବର

# ୮୦୦ କୋଟିର ଫିଲ୍ମକୁ ପଛରେ ପକାଇଦେଲା ହାଉସଫୁଲ-୫




ହଲିଉଡ୍ ଆକ୍ସନ୍ ଫିଲ୍ମ 'ଜନ୍ ଓ୍ୱିକ୍' ସ୍ପିନ୍ ଅଫ୍ ବାଲେରିନା, ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ବିଶ୍ୱବ୍ୟାପୀ ଅନେକ ଶହ କୋଟି ଟଙ୍କାର ବ୍ୟବସାୟ କରିଛି। ଏହା ସତ୍ତ୍ୱ, ଏହି ଫିଲ୍ମ ଅକ୍ଷୟ କୁମାରଙ୍କ କମେଡି ଫିଲ୍ମ 'ହାଉସଫୁଲ୍ ୫' ପଛରେ ପଡ଼ି ଯାଇଛି। 'ବାଲେରିନା' ଭାରତରେ ଗତ ୬ ଦିନରେ ୯ କୋଟି ଟଙ୍କା ମଧ୍ୟ ଅତିକ୍ରମ କରିନାହିଁ। ଏପର୍ଯ୍ୟନ୍ତ ଅର୍ଥାତ ୭ମ ଦିନ ସନ୍ଧ୍ୟା ୫:୦୫ ଟା ପର୍ଯ୍ୟନ୍ତ, ଫିଲ୍ମଟି କେବଳ ୮.୯୮ କୋଟି ଟଙ୍କା ରୋଜଗାର କରିଛି। ରିପୋର୍ଟ ଅନୁଯାୟୀ, ଏହି ଆକ୍ସନ ଫିଲ୍ମଟି ପ୍ରାୟ ୯୦ ମିଲିୟନ ଡଲାରରେ ତିଆରି ହୋଇଛି। ଅନ୍ୟପକ୍ଷରେ, ଯଦି ଆମେ ଫିଲ୍ମର ବିଶ୍ୱବ୍ୟାପୀ ଆୟ ସହିତ ଜଡିତ ଶେଷ ଅପଡେଟ୍ ତଥ୍ୟ ଦେଖିବା, ତେବେ ରିପୋର୍ଟ ଅନୁଯାୟୀ, ଏହା ୯୨.୮ ମିଲିୟନ ଡଲାର ଅର୍ଥା୍ ପ୍ରାୟ ୮୦୫ କୋଟି ଟଙ୍କାରେ ପହଞ୍ଚିଛି। ଯଦି ଆମେ 'ହାଉସଫୁଲ ୫'ର ବିଶ୍ୱବ୍ୟାପୀ ସଂଗ୍ରହ ବିଷୟରେ କଥା ହେବା, ତେବେ ସୋକ୍ନିକ ଅନୁଯାୟୀ, ଏହା ୨୫୨.୫୦ କୋଟି ଟଙ୍କାରେ ପହଞ୍ଚିଛି। ଯେତେବେଳେ ଏହାଠାରୁ ତିନି ଗୁଣ ଅଧିକ ରୋଜଗାର କରୁଥିବା ହଲିଉଡ୍ ଫିଲ୍ମ ଭାରତରେ ପଛରେ ପଡିଛି ଦୁଇ ସପ୍ତାହ ସତ୍ତ୍ୱ ଅକ୍ଷୟ କୁମାରଙ୍କ ଫିଲ୍ମ ପ୍ରତିଦିନ ୩-୪ କୋଟି ରୋଜଗାର କରୁଥିବା ବେଳେ, ଏହାଠାରୁ ଅଢ଼େଇ ଗୁଣ ଅଧିକ ବଜେଟରେ ନିର୍ମିତ 'ବାଲେରିନା' ଭାରତରେ କୌଣସି ଦର୍ଶକଙ୍କୁ ପାଇପାରୁନାହିଁ। ଏହି ଫିଲ୍ମ ପ୍ରଥମ ୩ ଦିନ ବ୍ୟତୀତ ଗୋଟିଏ ଦିନରେ ମଧ୍ୟ ୧ କୋଟି ଆୟ କରିନାହିଁ।

## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ। ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଐଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି, କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି



# ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ। ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି



ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ ।

# ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା

ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ୍ୟ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା



ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ୍ୟ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ୍ୟ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।

# ଓଜନ କମାଇଦେବ 'କାକୁଡି ଡାଏଟ୍'

କୌଣସି ବ୍ୟକ୍ତି ଶରୀରର ଅଧିକ ଓଜନ ପସନ୍ଦ କରନ୍ତି ନାହିଁ। ମୋଟାପଣ କେବଳ ବ୍ୟକ୍ତିର ସୌନ୍ଦର୍ଯ୍ୟ ନଷ୍ଟ କରି ନଥାଏ ନାହିଁ ବରଂ ଅନେକ ରୋଗର କାରଣ ମଧ୍ୟ



ହୋଇଥାଏ। ତେଣୁ ଓଜନ କମାଇବା ପାଇଁ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଅନୁସରଣ କରିବାକୁ ପରାମର୍ଶ ଦେଇଥାନ୍ତି। ଯେଉଁଥିରେ କାକୁଡି ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଏହି ଡାଏଟ୍ ଅନୁସରଣ କରିବା ପୂର୍ବରୁ, ଜାଣି ରଖନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ। ଓଜନ ହ୍ରାସ କରିବାରେ କାକୁଡି ଡାଏଟ୍ ଅନେକ ସାହାଯ୍ୟ କରିଥାଏ। ଏହି ଡାଏଟ୍ କୁ ଅନୁସରଣ କରୁଥିବା ଲୋକମାନେ ଅତି ସହଜରେ ୭ ରୁ ୧୪ ଦିନ ମଧ୍ୟରେ ୭ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ହ୍ରାସ କରିଥାନ୍ତି। ଏହି ଡାଏଟ୍ ରେ କାକୁଡି ତୁଳନାରେ ଅନ୍ୟ ଫଳ ଏବଂ ପନିପରିବାକୁ ସର୍ବନିମ୍ନ ସ୍ତରରେ ରଖିବାକୁ ପରାମର୍ଶ ଦିଆଯାଇଥାଏ। ଉଦାହରଣ ସ୍ୱରୂପ, ଏହି ଖାଦ୍ୟରେ ମୁଖ୍ୟତଃ କିଛି ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା ଅଣ୍ଡା, ଚିକେନ୍, ମାଛ ଏବଂ ବାଦାମ ସାମିଲ କରାଯାଇଥାଏ। କାକୁଡି ଡାଏଟ୍ ଅନୁସରଣ କରୁଥିବା ବ୍ୟକ୍ତିଙ୍କୁ ଅଧିକାଂଶ ଖାଦ୍ୟରେ କାକୁଡି ଖାଇବାକୁ ପରାମର୍ଶ ଦିଅ।ଯାଇଥାଏ। ଏହି ଡାଏଟ୍ ଅନୁଯାୟୀ, ଯେତେବେଳେ ବି ବ୍ୟକ୍ତିକୁ ଭୋକଲାଗେ, ସେ କାକୁଡି ଖାଇବା ଉଚିତ। କାକୁଡିରେ କ୍ୟାଲୋରୀ କମ୍ ଥିବାରୁ ଆ।ପଣ ଯେତେ ଚାହିଁବେ ଖାଇପାରିବେ। ଏହା ବ୍ୟତୀତ କାକୁଡିରେ ପ୍ରୋଟିନ୍ କମ୍ ରହିଥାଏ, ତେଣୁ ଏହି ଡାଏଟ୍ କୁ ରୁଟିନ୍ ରେ ସାମିଲ କରିବାବେଳେ କାକୁଡି ସହିତ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେପରିକି ଅଣ୍ଡା, ମାଂସ, ପନିର, ଏବଂ ବାଦାମକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଉଚିତ। କାକୁଡି ଡାଏଟରେ କମ୍ କ୍ୟାଲୋରୀ ଥିବା ହେତୁ ଏହା ଜଣେ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଓଜନ ହ୍ରାସ କରିପାରେ, କିନ୍ତୁ ଯେମିତି ବ୍ୟକ୍ତି ନିଜର ପୁରୁଣା ଡାଏଟ୍ ଅନୁସରଣ କରିବା ଆରମ୍ଭ କରେ, ତା'ର ଓଜନ ମଧ୍ୟ ପୁଣି ବଢିଯାଇଥାଏ। ଏହା ବିଶେଷକରି ସେତେବେଳେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ପୁନର୍ବାର ଖାଇବା ଏବଂ ପିଇବା ଅଭ୍ୟାସ ଉପରେ ନିୟନ୍ତ୍ରଣ ହରାଇ ନିଜ ଡାଏଟ୍‌ରେ ପୁଷ୍ଟିକର ସମ୍ବନ୍ଧୀୟ ଜିନିଷକୁ ସାମିଲ କରିନଥାଏ। ତେଣୁ, ବଢୁଥିବା ଓଜନକୁ ନିୟନ୍ତ୍ରଣ କରିବା କିମ୍ବା କମାଇବା ସହିତ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଆହୁରି ଉନ୍ନତ ରଖିବା ପାଇଁ, ଆପଣଙ୍କ ଖାଦ୍ୟରେ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ।

# ଶକ୍ତି ମନ୍ତ୍ରୀ ସମ୍ମିଳନୀର ନେତୃତ୍ୱ ନେବା ପାଇଁ ଓଡ଼ିଶା ସହ ଏମ୍ଓୟୁ

**ଭୁବନେଶ୍ୱର, ୨୧।୬ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେ ଭି ସିଂହଦେଓ ଆଜି ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ (ଟିବିଆଇ)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଟୋନି ବ୍ଲେୟାରଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, କାନପୁର ଏବଂ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ ଦ୍ୱାରା ଏକ ତ୍ରିପାକ୍ଷିକ ଇଣ୍ଟେଣ୍ଟ ଲେଟର (ଏଲଓଆଇ) ସ୍ୱାକ୍ଷରିତ ହୋଇଛି। ଏଲଓଆଇରେ ହୋଇଥିବା ସହମତି ଅନୁଯାୟୀ, ଓଡ଼ିଶା ଭାରତର ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀମାନଙ୍କର କମ୍ୟୁନିଟି ପ୍ରାକ୍ଟିସ ପାଇଁ ନେତୃତ୍ୱ ନେବୟ ଏହି ବର୍ଷ ଶେଷରେ ଓଡ଼ିଶାରେ ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ଟୋନି ବ୍ଲେୟାର ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ବିଦ୍ୟୁତ ସଂସ୍କାରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଗତ ଏକ ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ଆକର୍ଷିତ କରିଛି ।ଖଣିଜ ଆଧାରିତ ଶିଳ୍ପ ଏବଂ ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଗୁଁ ଓଡ଼ିଶା ସାଧାରଣତଃ ଅସୁବିଧାର ସମ୍ମୁଖୀନ ହେଉଛି। ଟୋନି ବ୍ଲେୟାର ସ୍ଥାୟୀ ଶକ୍ତି ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସହିତ ନିରନ୍ତର ସହଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।

ନେଟ୍ ଜିରୋ କାର୍ବନ ହାସଲ ପାଇଁ ଓଡ଼ିଶା ପ୍ରତିବଦ୍ଧ ଏବଂ ଏହାକୁ ହାସଲ କରିବା ପାଇଁ ଓଡ଼ିଶା ସର୍ବୋତ୍ତମ ଅନ୍ତର୍ଜାତୀୟ ମାନଦଣ୍ଡ ସହ ସମନ୍ୱିତ ଏକ ରଣନୈତିକ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏତଦବ୍ୟତୀତ, ବିଶେଷକରି ଓଡ଼ିଶାର ପଶ୍ଚିମାଞ୍ଚଳରୁ ଦାଦନ ଖଟିବାକୁ ଯାଉଥିବା ପ୍ରବାସୀ ପ୍ରସଙ୍ଗ ଉପରେ ମଧ ବୈଠକରେ ଶ୍ରୀ ସିଂହଦେଓ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ କ୍ୟାବିନେଟ ଅନୁମୋଦିତ କୃତ୍ରିମ ବୁଦ୍ଧିମତା ନୀତିକୁ ଟୋନି ବ୍ଲେୟାର ପ୍ରତିଷ୍ଠାନ ସମର୍ଥନ କରିବା ସହ ପ୍ରଶଂସା ମଧ କରିଛନ୍ତି। ଭାରତ ପାଇଁ ଥିବା ଟିବିଆଇର ପ୍ରାଦେଶିକ ନିର୍ଦ୍ଦେଶକ ବିବେକ ଅଗ୍ରୱାଲ ମନ୍ତବ୍ୟ ଦେଇଛନ୍ତି ଯେ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାରେ ଓଡ଼ିଶାର ନେତୃତ୍ୱ ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଏକ ନୂତନ ମାନକ ସ୍ଥାପନ କରୁଛି। ଶକ୍ତି ମନ୍ତ୍ରୀଙ୍କ କମ୍ୟୁନିଟି ପ୍ରାକ୍ଟିସର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ ଏବଂ ଟିବିଆଇ ଏହି ଯାତ୍ରାର ଏକ ଅଂଶୀଦାର ହୋଇ ଗର୍ବିତ। ଟିବିଆଇର ଦେଶ ନିର୍ଦ୍ଦେଶକ ଶ୍ରୀ ବିବେକ ଅଗ୍ରୱାଲ, ଆଇଆଇଟି କାନପୁରର ଡିନ୍ , ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ ଓ ଓଡ଼ିଶା ଶକ୍ତି ବିଭାଗର ବିତ୍ତୀୟ ପରାମର୍ଶଦାତା-ତଥା-ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବୀଦତ୍ତ ତ୍ରିପାଠୀ, ଇଣ୍ଟେଣ୍ଟ ଲେଟରରେ ସ୍ୱାକ୍ଷର କରିଛନ୍ତି।

# ୱାଇଏମ୍‌ସିଏ ଭୁବନେଶ୍ୱର ପକ୍ଷରୁ ଡ୍ରାଉନିଂ ପ୍ରିଭେନ୍‌ସନ ସପ୍ତାହ ପାଳିତ

**ଭୁବନେଶ୍ୱର, ୨୧।୬ (ମହାଭାରତ):** ଭୁବନେଶ୍ୱର ୱାଇଏମ୍‌ସିଏ ରାଜ୍ୟର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭାବେ ତାର ସୁନାମ ରହିଛି । ଏହି ସଂସ୍ଥା ବନ୍ୟା, ବାତ୍ୟା, ମରୁଡି, ଦୁର୍ବିପାକ ଏବଂ ସର୍ବୋପରି ବସ୍ତିରେ ବାସ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅହରହ ପ୍ରଚେଷ୍ଟା ଜାରୀ ରଖିଛି । ଜୁନ୍ ୧୫ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ୱାଇଏମ୍‌ସିଏ ପ୍ରେକ୍ଷାଳୟରେ ଡ୍ରାଉନିଂ ପ୍ରିଭେନ୍‌ସନ ସପ୍ତାହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୱାଇଏମ୍‌ସିଏର ସଭାପତି ଡଃ ପୂର୍ଣ୍ଣାନନ୍ଦ ପ୍ରଧାନ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟାଧର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଯୁବକ ଅବସ୍ଥାରୁ ସମସ୍ତେ ସନ୍ତରଣ



ଶିଖିବା ଆବଶ୍ୟକ । ସେ ୱାଇଏମ୍‌ସିଏର ବିଭିନ୍ନ କାର୍ଯ୍ୟକୁ ଭୂୟସିଂ ପ୍ରଶଂସା କରିଥିଲେ । ୟୁନିସେଫ୍‌ର ମାନା ବିଶ୍ୱାସ ନିଜର ବକ୍ତବ୍ୟରେ କହିଥିଲେ ଯେ, ଜଳର ସଂରକ୍ଷଣ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ । କିନ୍ତୁ ଅତ୍ୟଧିକ ଜଳରେ ସ୍ନାନ କରିବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ । ୱାଇଏମ୍‌ସିଏ ଇଣ୍ଡିଆର ସାଧାରଣ ସମ୍ପାଦକ କୋସି ଆଲେକଜାଣ୍ଡର, ଜୟଦୀପ ସରକାର, ୱାଇଏମ୍‌ସିଏର ଉପସଭାପତି ଅସୀମ ଦାସ, କୋଷାଧ୍ୟକ୍ଷ ଆଣ୍ଟୋନୀ ମାଥୁ, ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀ ଦାସ କହିଥିଲେ ଯେ, ୱାଇଏମ୍‌ସିଏର କାର୍ଯ୍ୟକ୍ରମ ଗୁଡିକ ସର୍ବଦା ପ୍ରଶଂସନୀୟ । ଜଳରେ ସ୍ନାନ କରିବା ସମୟରେ ସତର୍କତା ଅବଲମ୍ବନ ନକଲେ ଅନାୟସରେ ଗୋଟିଏ ଜୀବନ ହରାଇବାକୁ ପଡେ । ଭୁବନେଶ୍ୱର ୱାଇଏମ୍‌ସିଏର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ୱାଇଏମ୍‌ସିଏ ବାଳିକା ମାନଙ୍କ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ଏବଂ ବାଳକ ମାନଙ୍କ ପକ୍ଷରୁ ଶେଷରେ ସଂଗୀତ ପରିବେଶଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଯୁବକ ଯୁବତୀମାନେ ଅଂଶଗ୍ରହଣ କରିଥିଲେ । ୱାଇଏମ୍‌ସିଏର କୋଷାଧ୍ୟକ୍ଷ ଆଣ୍ଟୋନୀ ମାଥ୍ୟୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଐତିହ୍ୟ ଓ ସଂସ୍କୃତି ଭିତ୍ତିକ ଚଳଚ୍ଚିତ୍ର ପ୍ରଦର୍ଶନ



**ଭୁବନେଶ୍ୱର, ୨୧।୬ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ହାବେଳୀ ପଡ଼ିଆରେ ଗତ ୧୨ ତାରିଖରୁ ଚାଲିରହିଥିବା ବର୍ଷ ଏକ। ଉପଲବ୍ଧି ଅନେକ ର ନୂତନ ସରକାରଙ୍କ ବିଭିନ୍ନ ଅଗ୍ରଣୀ ଯୋଜନା ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ର ସଫଳ ଫାଇଦା ଦେବା ଉଦ୍ଦେଶ୍ୟକୁ ଲୋକାଭିମୁଖୀ କରିବା ଏବଂ ପ୍ରକୃତ ହିତାଧିକାରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସମାଜର, ରାଜ୍ୟର ଓ ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରି ବିକଶିତ ଓଡ଼ିଶା ୨୦୪୬ ଓ ବିକଶିତ ଭାରତ ୨୦୪୭ କୁ ସାକାର କରିବା ଲକ୍ଷ୍ୟରେ ଦୃତ ବିକାଶ ଜାରି ରହିଛି । ବିକାଶ ମେଳାର ଅଷ୍ଟମ ଦିବସରେ ଐତିହ୍ୟ ଓ ପରମ୍ପରା ଏବଂ ସଂସ୍କୃତିର ଆଧାର, ନାରୀ ସମ୍ମାନ ଓ ସଶକ୍ତି କରଣ କାର୍ଯ୍ୟକ୍ରମ କୁ ସାକାର କରିବା, ନାରୀ ମାନଙ୍କ ପ୍ରତିବଦ୍ଧତା, ଶିକ୍ଷା, ନିଯୁକ୍ତି ଆତ୍ମ ନିର୍ଭରଶୀଳ ତା ର ନିଛକ ଓଡ଼ିଆ। ଚଳଚ୍ଚିତ୍ର ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ସେହିପରି ଓଡ଼ିଶାର ସର୍ବ ପୁରାତନ ପାରମ୍ପାରିକ ଲୋକ କଳା ପାଲା ସଂସ୍କୃତି କୁ ବଞ୍ଚାଇବା ପାଇଁ ବାଣୀଶ୍ରୀ କଳା ନିକେତନ,ବୋଲଗଡ଼ , ଖଗେଶ୍ୱର ମାର୍ଥା ଓ ସାଥିଙ୍କ ନିଶା ନିବାରଣ,ମିଶନ ଶକ୍ତି, ସୁଭଦ୍ରା ଶକ୍ତି , ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା,ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆଦି ସମ୍ବନ୍ଧରେ ପାଲା ମାଧ୍ୟମରେ ଶିକ୍ଷଣୀୟ ତଥ୍ୟ, ସୂଚନା ପ୍ରଦାନ କରିବା ସହ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପରେ ପୁରାତନ ଓ ନୂତନ ସଭ୍ୟତାର ସାଂସ୍କୃତିକ ମିଳନ ଓ ସାମାଜିକ ସଂସ୍କାର ଧର୍ମୀ ଜଗଦୀଶ ମହାପାତ୍ରଙ୍କ କାଳଜୟୀ ରଚନା ସାମାଜିକ ନାଟକ ,ଅଗ୍ରଣୀ ନାଟ୍ୟାନୁଷ୍ଠାନ ବିଦ୍ୟାକନକ, ଭୁବନେଶ୍ୱର ଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସେହିପରି ପାରମ୍ପାରିକ ଲୋକ କଳା ଦାସ କାଠିଆ। ଚକ୍ରଧର ଦେବତା ଓ ସାଥୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଜନସାଧାରଣ ମାନେ ଓର୍ମାଶ ଷ୍ଟଲ ରୁ ବିଭିନ୍ନ ବୟନ ଶିଳ୍ପ, ହସ୍ତ ଶିଳ୍ପ ଓ କୁଟୀର ଶିଳ୍ପ ଜିନିଷ କିଣାକିଣି କରିବା ସହ ଅଗ୍ରଣୀ ଯୋଜନା ସଂପର୍କୀତ ଷ୍ଟଲ ବୁଲିଦେଖି ନୂତନ ସରକାରଙ୍କ ଅତ୍ୟାବଶ୍ୟକ ଉତ୍କର୍ଷ ଗ୍ରାମୀଣ ଯୋଜନା ର ରୂପରେଖ ସମ୍ପର୍କରେ ଅବଗତ ହୋଇଥିଲେ। ସୁଭଦ୍ରା ଷ୍ଟଲ ରେ ମହିଳା ସଶକ୍ତି କରଣ ଓ ପାରମ୍ପାରିକ ଖାଦ୍ୟ ଖାଇବାର ଦର୍ଶକ ମାନେ ଉପଲବ୍ଧି କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା,ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର , ରାଜସ୍ୱ ନିବେଦିତା ପରିଡ଼ା,ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇଥିଲେ।

# ଝାଡାବାନ୍ତି ପରିସ୍ଥିତି ସମୀକ୍ଷା

**ଭୁବନେଶ୍ୱର, ୨୧।୬ (ମହାଭାରତ):** ରାଜ୍ୟରେ ଡାଇରିଆ। ସଂକ୍ରମଣ ତ୍ୱରିତ ମୁକାବିଲା ପାଇଁ ଆଜି ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଡକ୍ଟର ମୁକେଶ ମହାଲିଙ୍ଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବସିଥିଲା। ଯାଜପୁର, କଟକ, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର, କେନ୍ଦ୍ରାପଡା ଆଦି ଛଅଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସି ମାଧ୍ୟମରେ ଡାଇରିଆ। ସ୍ଥିତି ଓ ମୁକାବିଲାର ବିଭିନ୍ନ ଦିଗ ଉପରେ ମନ୍ତ୍ରୀ କାର୍ଯ୍ୟ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବା ସତ୍ତ୍ୱେ ସମସ୍ତେ ସମ୍ପୂର୍ଣ୍ଣ ରୂପେ ସତର୍କ ରହି କାର୍ଯ୍ୟ କରିବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଆଗାମୀ ମୌସୁମୀକୁ ଦୃଷ୍ଟିରେ ରଖି ତିନିମାସ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସରକାର ସମନ୍ୱୟ ସହ ସାମଗ୍ରିକ ଭାବରେ ପ୍ରସ୍ତୁତ ରହିଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ବୈଠକରେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ରାଜ୍ୟର ଛଅଟି ଜିଲ୍ଲାର ଡାଇରିଆ। ମୁକାବିଲାର ସ୍ଥିତି ଓ ପ୍ରସ୍ତୁତି ବିଷୟରେ ସମୀକ୍ଷା କରିଥିଲେ। ଖାଦ୍ୟ ନିରାପତ୍ତା, ସଂକ୍ରମିତ ଜଳଉତ୍ସ ଚିହ୍ନଟ ଓ ବିଭାଗୀୟ ସମନ୍ୱୟ ବିଷୟରେ ସେ ବିସ୍ତୃତ ସମୀକ୍ଷା କରିଥିଲେ।

# ସବୁ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

**ଭୁବନେଶ୍ୱର, ୨୧।୬ (ମହାଭାରତ):** ପ୍ରତିବର୍ଷ ପରି ଜୁନ୍ ୧୮ ଓ ୧୯ ତାରିଖରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜିତ ହୋଇଯାଇଛି। ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ଥିଲା ପ୍ରସ୍ତୁତିର ପରୀକ୍ଷା, ଯାଂଚ, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ସୁରକ୍ଷିତ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଭବିଷ୍ୟତରେ ଆପଦକାଳୀନ ସ୍ଥିତିର ମୁକାବିଲା ପ୍ରସ୍ତୁତି ତ୍ୱରାନ୍ୱିତ କରିବା। ଜୁନ୍ ୧୮ରେ ସମସ୍ତ ୩୦ଟି ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ଏବଂ ସମସ୍ତ ବ୍ଲକ୍ ଏବଂ ପୌର ପରିଷଦ ସ୍ତରରେ ଏହି ଅଭ୍ୟାସ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଉଚ୍ଚ ପ୍ରତିନିଧି, ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ, ଅଣ-ସରକାରୀ ସଂଗଠନ ଇତ୍ୟାଦିଙ୍କୁ ନେଇ କରାଯାଇଥିଲା। ଅଭ୍ୟାସ ସମୟରେ ଘୂର୍ଣ୍ଣିବାତ୍ୟା, ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ, ସାପକାମୁଡ଼ା, ବଜ୍ରପାତ, ମରୁଡ଼ି ଏବଂ ସୁନାମି ସହ ଜଡ଼ିତ ବିଭିନ୍ନ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା ଏବଂ ବୈଠକରେ ବିଭିନ୍ନ ବିଭାଗ ଏବଂ ସଂଗଠନର ଭୂମିକା, ଦାୟିତ୍ୱ ଓ ପ୍ରସ୍ତୁତି ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ଜୁନ୍ ୧୯ରେ ଓଡ଼ିଶାର ସମସ୍ତ ୯୦୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଇଥିଲା। ବହୁମୁଖ୍ୟ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଥିବା ଗ୍ରାମସ୍ତରରେ ସ୍ଥାନାନ୍ତର ଆରମ୍ଭ କରାଯାଇଥିଲା। ଆଶ୍ରୟସ୍ଥଳ ସ୍ତରରେ ଗ୍ରାମବାସୀ, ନିର୍ବାଚିତ ପ୍ରତିନିଧି, ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଟାସ୍କଫୋର୍ସ, ସ୍ୱେଚ୍ଛାସେବୀ, ଆପଦମିତ୍ର, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କମିଟିର ସଦସ୍ୟ ଓ ସଂଗଠନ ଇତ୍ୟାଦି ଅଂଶଗ୍ରହଣ କରିଥିଲେ। ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା, ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫର ଦଳଗୁଡ଼ିକ ମଧ ବିଭିନ୍ନ ଆଶ୍ରୟସ୍ଥଳରେ ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ପାଇଁ ତ୍ରିପାକ୍ଷିକ ଏମ୍ଓୟୁ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ଦିବ୍ୟାଙ୍ଗଜନଙ୍କ ପାଇଁ ସମାନ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସମାବେଶୀ ଭାରତ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବୁଧବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାରଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି ।

ଡିପାର୍ଟମେଣ୍ଟ ଅଫ୍ ଏମ୍ପାଓ୍ୱାରମେଣ୍ଟ ଅଫ୍ ପର୍ସନ ୱିଥ୍ ଡିଜାବିଲିଟି (ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ), ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏନଆଇଓଏସ) ଏବଂ ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନସିଇଆରଟି), ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ସମାନ ଶିକ୍ଷା ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ବିଚାର । ଆଜିର ବୁଝାମଣାପତ୍ର ଜାତୀୟ ଶିକ୍ଷା ନୀତିର ଏହି ଭାବନାକୁ ଆଗକୁ ବଢ଼ାଇବା ଦିଗରେ ଏକ ଭଲ ପ୍ରୟାସ । ଏହି ବୁଝାମଣାପତ୍ର ଦିବ୍ୟାଙ୍ଗ



ପିଲାମାନଙ୍କୁ ଶିକ୍ଷାର ସମାନ ସୁଯୋଗ ପ୍ରଦାନ କରିବା, ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା, ଶିକ୍ଷାରେ ସମସ୍ତଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ଏକ ସମାବେଶୀ ଭାରତ ଗଠନ କରିବାରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିବ୍ୟାଙ୍ଗଜନ ଶବ୍ଦ ବ୍ୟବହାର କରି ସମାଜରେ ଏହି ବର୍ଗ ପ୍ରତି ସମ୍ମାନ ଏବଂ ସମ୍ବେଦନଶୀଳତା ବିଷୟରେ ଯେଉଁ କଥା କହିଥିଲେ, ତାହା ଆମ ପାଇଁ ପ୍ରେରଣାର ଉତ୍ସ। ଆଜି ସମାଜରେ ଭିନ୍ନକ୍ଷମ ବିଷୟରେ ଅଧିକ ସମ୍ବେଦନଶୀଳତା ଏବଂ ବୁଝାମଣା ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଦିବ୍ୟାଙ୍ଗ ପିଲାମାନଙ୍କୁ ଏକ ସମ୍ମାନଜନକ ଜୀବନ ପ୍ରଦାନ କରିବା ଏବଂ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସେମାନଙ୍କ ଶିକ୍ଷା ପାଇଁ ପ୍ରଭାବଶାଳୀ ବିକଳ୍ପ ପ୍ରସ୍ତୁତ କରିବା ଆମର ଦାୟିତ୍ୱ । ଏହି ଦାୟିତ୍ୱକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ଶିକ୍ଷା ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଦାୟିତ୍ୱ ।

ଏନସିଇଆରଟି ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନକୁ ଟେକ୍ନୋଲୋଜି ଏବଂ ସମାଜର ସହଭାଗୀତା ସହ ଦିବ୍ୟାଙ୍ଗଜନ ସହ ଜଡ଼ିତ ନୀତିଗୁଡ଼ିକର ଡି-କୋଡ଼ିଫାଏ ଏବଂ ବିସ୍ତାର କରିବା ପାଇଁ ପ୍ରଚେଷ୍ଟା କରିବା ଉଚିତ୍ । ଦିବ୍ୟାଙ୍ଗମାନଙ୍କ ପାଇଁ ସମାନତା, ସୁଗମତା ଏବଂ ସମ୍ବେଦନଶୀଳତା ଭଳି ପ୍ରସଙ୍ଗରେ ସମାଜରେ ଦାୟିତ୍ୱବୋଧ ବୃଦ୍ଧି କରିବା ଦରକାର । ଏଥିପାଇଁ ଆଗାମୀ ଦିନରେ, ଶିକ୍ଷା ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ମିଳିତ ଭାବରେ ଜାତୀୟ ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ ୨୦୧୬ ଏବଂ ଜାତୀୟ ଶିକ୍ଷା ନୀତିର ଆଲୋକରେ କ୍ରିୟାନ୍ୱୟନ ଉପରେ ଏକ ଜାତୀୟ ସ୍ତର ବିତର୍କ କରିବା ଉଚିତ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ଶିକ୍ଷାକୁ ଆଗକୁ ବଢାଇବାରେ ଏହି ବୁଝାମଣାପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହା ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ, ୨୦୧୬ଏବଂ ଜାତୀୟ ଶିକ୍ଷା ନୀତି ସମନ୍ୱୟରେ ଦିବ୍ୟାଙ୍ଗଜନଙ୍କ ପାଇଁ ସୁଲଭ, ଉଚ୍ଚ-ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ସହଯୋଗୀ ଢାଞ୍ଚା ସ୍ଥାପନ କରିବ ।

# କୃଷିଭିତିକ ବିକାଶ ଓ ଗବେଷଣାକୁ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୨୧।୬ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ସମ୍ବଲପୁର ଚିପିଲିମାରେ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି କଲେଜ ଗୁଡ଼ିକ ହେଉଛି ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ, ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ମତ୍ସ୍ୟ ମହାବିଦ୍ୟାଳୟ ଏବଂ କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅପାର ସମ୍ଭାବନା ରହିଛି। ସମ୍ବଲପୁର ଅଞ୍ଚଳର ଅନ୍ତର୍ନିହିତ କୃଷି ବିବିଧତା ଏବଂ କୃଷି-ସମ୍ପର୍କିତ ସମ୍ଭାବନା ସତ୍ତ୍ୱେ ଆମେ ଏଠାରେ ଇଚ୍ଛାନୁସାରେ କ୍ଷେତ୍ରଗତ ଅଭିବୃଦ୍ଧି ହାସଲ କରିପାରିନାହୁଁ । ଏହି କ୍ଷେତ୍ର ପାଇଁ ଏକ ଦୀର୍ଘକାଳୀନ, ସମାବେଶୀ ଏବଂ ଜ୍ଞାନ-ଚାଳିତ ବିକାଶ ପଥକୁ ଆଗେଇ ନେବା ପାଇଁ କୃଷି-ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ସଂରଚିତ ପ୍ରତିଷ୍ଠାନ ଆମର ପ୍ରାଥମିକତା ହେବା ଆବଶ୍ୟକ । ଏଥିପାଇଁ ସମ୍ବଲପୁରର ଚିପଲିମାରେ ମୁଖ୍ୟମନ୍ତ୍ରୀଙ୍କୁ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ ।

ଏହା ଉପରେ ବିସ୍ତୃତ ଭାବରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଥମତଃ ଏଠାରେ ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଜରୁରୀ । ଏହି ପ୍ରତିଷ୍ଠାନ ତାଲିମପ୍ରାପ୍ତ ପଶୁଚିକିତ୍ସା ବିଶେଷଜ୍ଞ, ଗବେଷକ ଏବଂ ବୃତ୍ତିଗତଙ୍କ ପାଇଁ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବ । ଏହା ପଶୁସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ପଶୁପାଳନ ଉତ୍ପାଦନ ବୃଦ୍ଧି କରିବା ଏବଂ ଜୁନୋଟିକ୍ ରୋଗରୁ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ସିଧାସଳଖ ଯୋଗଦାନ ଦେବ । ଦ୍ୱିତୀୟତଃ ଏଠାରେ ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ସ୍ଥାପିତ ହେବା ଦରକାର । ଏହା ଦୁଗ୍ଧ ଚାଷର ଗୁରୁତ୍ୱ ପ୍ରଦାନ କରିବା ସହ ଦକ୍ଷ ମାନବ ସମ୍ବଳ ପ୍ରଦାନ କରିବ । ଦୁଗ୍ଧ ପ୍ରଯୁକ୍ତିବିଦ୍ୟାରେ ଗବେଷଣାକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ କାର୍ଯ୍ୟର ଗୁଣବତ୍ତା ଏବଂ ଦକ୍ଷତାକୁ ଉନ୍ନତ କରିବ । ଏହାଦ୍ୱାରା ଏହି ଅଞ୍ଚଳରେ ଦୁଗ୍ଧ ଆଧାରିତ ଆର୍ଥିକ ବିକାଶକୁ ସମର୍ଥନ କରିବ ।

ସେହିପରି ତୃତୀୟତଃ ମତ୍ସ୍ୟ ମହାବିଦ୍ୟାଳୟ ମଧ ଏଠାରେ ପ୍ରତିଷ୍ଠା ହେବା ଦରକାର । ବର୍ତ୍ତମାନ ସମୟରେ ଦ୍ରୁତତମ ବୃଦ୍ଧି ପାଉଥିବା କୃଷି-ସମ୍ପର୍କିତ ଉପ-କ୍ଷେତ୍ର ମଧ୍ୟରୁ ଏହା ଅନ୍ୟତମ । ମତ୍ସ୍ୟଚାଷ ପାଇଁ କେନ୍ଦ୍ରିତ ଶୈକ୍ଷିକ ଏବଂ ବ୍ୟବହାରିକ ତାଲିମ ଆବଶ୍ୟକ । ଏକ ମତ୍ସ୍ୟଚାଷ ମହାବିଦ୍ୟାଳୟ ଜଳକୃଷି, ମତ୍ସ୍ୟଚାଷ ପରିଚାଳନା ଏବଂ ଅମଳ ପରବର୍ତ୍ତୀ ପ୍ରଯୁକ୍ତିବିଦ୍ୟାରେ କ୍ଷମତା ନିର୍ମାଣ କରିବାରେ ସାହାଯ୍ୟ କରିବ, ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବ । ଏହାବ୍ୟତିତ ଚତୁର୍ଥ ହେଉଛି କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ । ଏହାଦ୍ୱାରା କୃଷି କ୍ରମଶଃ ବଜାର-ମୁଖୀ ହେବା ସହିତ, କୃଷି-ବ୍ୟବସାୟ, ଯୋଗାଣ ଶୃଙ୍ଖଳା ପରିଚାଳନା, ମାର୍କେଟିଂ ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ ବିଶେଷଜ୍ଞତା ଥିବା ବୃତ୍ତିଗତଙ୍କ ଜରୁରୀ ଆବଶ୍ୟକତା ରହିଛି । ଏପରି ଏକ ପ୍ରତିଷ୍ଠାନ ଯୁବପିଢ଼ିଙ୍କୁ କୃଷି ମୂଲ୍ୟ ଶୃଙ୍ଖଳାରେ ନେତୃତ୍ୱ ନେବା ସହ ନବସୃଜନକୁ ସଶକ୍ତ କରିବ ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରର ଚିପିଲିମା ଠାରେ ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି) ପାଖରେ ପୂର୍ବରୁ ଜମି, କିଛି ଶିକ୍ଷାଗତ ଓ ଗବେଷଣା ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ରହିଛି । ଏହା ସହିତ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପାଖରେ ଅବ୍ୟବହୃତ ଜମି ଅଛି, ଯାହାକୁ ଏହି ଉଦ୍ଦେଶ୍ୟରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଇପାରିବ । ତେଣୁ ଏହି ପ୍ରସ୍ତାବିତ ପ୍ରତିଷ୍ଠାନଗୁଡ଼ିକ ଏଠାରେ ଅବସ୍ଥାପିତ ହୋଇପାରିବ । ପ୍ରସ୍ତାବିତ ଏହି କଲେଜଗୁଡ଼ିକ ପ୍ରତିଷ୍ଠା କରିବା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କେବଳ ବୈଷୟିକ ଏବଂ ଉଦ୍ୟୋଗୀ କ୍ଷମତା ସୃଷ୍ଟି ହେବ ନାହିଁ ବରଂ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଚାଷୀମାନଙ୍କ ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଗବେଷଣା ଏବଂ ସମ୍ପ୍ରସାରଣ ସେବା ମଧ ସୁନିଶ୍ଚିତ ହେବ। କୃଷି ସାମଗ୍ରୀ ବୃଦ୍ଧି ସହ ବଜାର ସଂଯୋଗକୁ ଉନ୍ନତ କରିବ ତଥା ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବ । କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ, ଯାହା ଗ୍ରାମୀଣ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।

# ୱାଇଏମ୍‌ସିଏ ଭୁବନେଶ୍ୱର ପକ୍ଷରୁ ଡ୍ରାଉନିଂ ପ୍ରିଭେନ୍‌ସନ ସପ୍ତାହ

**ଭୁବନେଶ୍ୱର, ୨୧।୬ (ମହାଭାରତ):** ଭୁବନେଶ୍ୱର ୱାଇଏମ୍‌ସିଏ ରାଜ୍ୟର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭାବେ ତାର ସୁନାମ ରହିଛି। ଏହି ସଂସ୍ଥା ବନ୍ୟା, ବାତ୍ୟା, ମରୁଡି, ଦୁର୍ବିପାକ ଏବଂ ସର୍ବୋପରି ବସ୍ତିରେ ବାସ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ



ଅହରହ ପ୍ରଚେଷ୍ଟା ଜାରୀ ରଖିଛି। ଜୁନ୍ ୧୫ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ୱାଇଏମ୍‌ସିଏ ପ୍ରେକ୍ଷାଳୟରେ ଡ୍ରାଉନିଂ ପ୍ରିଭେନ୍‌ସନ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୱାଇଏମ୍‌ସିଏର ସଭାପତି ଡଃ ପୂର୍ଣ୍ଣାନନ୍ଦ ପ୍ରଧାନ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟାଧର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଯୁବକ ଅବସ୍ଥାରୁ ସମସ୍ତେ ସନ୍ତରଣ ଶିଖିବା ଆବଶ୍ୟକ। ସେ ୱାଇଏମ୍‌ସିଏର ବିଭିନ୍ନ କାର୍ଯ୍ୟକୁ ଭୂୟସିଂ ପ୍ରଶଂସା କରିଥିଲେ। ୟୁନିସେଫ୍‌ର ମାନା ବିଶ୍ୱାସ ନିଜର ବକ୍ତବ୍ୟରେ କହିଥିଲେ ଯେ, ଜଳର ସଂରକ୍ଷଣ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ। କିନ୍ତୁ ଅତ୍ୟଧିକ ଜଳରେ ସ୍ନାନ କରିବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ । ୱାଇଏମ୍‌ସିଏ ଇଣ୍ଡିଆର ସାଧାରଣ ସମ୍ପାଦକ କୋସି ଆଲେକଜାଣ୍ଡର, ଜୟଦୀପ ସରକାର, ୱାଇଏମ୍‌ସିଏର ଉପସଭାପତି ଅସୀମ ଦାସ, କୋଷାଧ୍ୟକ୍ଷ ଆଣ୍ଟୋନୀ ମାଥୁ, ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ଦାସ କହିଥିଲେ ଯେ, ୱାଇଏମ୍‌ସିଏର କାର୍ଯ୍ୟକ୍ରମ ଗୁଡିକ ସର୍ବଦା ପ୍ରଶଂସନୀୟ। ଜଳରେ ସ୍ନାନ କରିବା ସମୟରେ ସତର୍କତା ଅବଲମ୍ବନ ନକଲେ ଅନାୟସରେ ଗୋଟିଏ ଜୀବନ ହରାଇବାକୁ ପଡେ । ଭୁବନେଶ୍ୱର ୱାଇଏମ୍‌ସିଏର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୱାଇଏମ୍‌ସିଏ ବାଳିକା ମାନଙ୍କ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ଏବଂ ବାଳକ ମାନଙ୍କ ପକ୍ଷରୁ ଶେଷରେ ସଂଗୀତ ପରିବେଶଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଯୁବକ ଯୁବତୀମାନେ ଅଂଶଗ୍ରହଣ କରିଥିଲେ । ୱାଇଏମ୍‌ସିଏର କୋଷାଧ୍ୟକ୍ଷ ଆଣ୍ଟୋନୀ ମାଥ୍ୟୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଡି ମେଣ୍ଟ ଦୁର୍ବଳ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ଶୋଚନୀୟ ପରାଜୟ ପରେ ସେ ପୁନର୍ବାର ଜାଲ ଭୋଟର ପ୍ରସଙ୍ଗ ଉଠାଇଲେ। ସେ ଚିନ୍ତା କରିପାରୁନାହାଁନ୍ତି ଯେ, ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ଜାଲ ଭୋଟର ହେଲେ ଜଣେ ପ୍ରାର୍ଥୀ ୨୦ରୁ ୪୦ ଭୋଟରେ ଜିତିବ? ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନରେ ଏଭଳି ଜାଲିଆତି କରିବା ଜିତିବାକୁ ହେଲେ ଅତି କମରେ କୋଟିଏ ଜାଲ ଭୋଟରଙ୍କ ଆବଶ୍ୟକତା ରହିଛି। ଏହା ଅସମ୍ଭବ। ଏବେ ବିହାର ବିଧାନସଭା ନିର୍ବାଚନରେ ମଧ୍ୟ ଅନୁରୂପ କୌଶଳରେ ବିଜେପି ଜିତିବାକୁ ଯୋଜନା କରୁଥିବା ଆଶଙ୍କା ବ୍ୟକ୍ତ କରିଛନ୍ତି ରାହୁଲ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିହାରରେ ମଧ୍ୟ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେବ ବୋଲି ରାହୁଲ ପୂର୍ବାନୁମାନ କହୁଛନ୍ତି। ନିକଟରେ ଗୁଜରାଟରେ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ, ଦଳରେ ରହି କେତେକ ବ୍ୟକ୍ତି ବିଜେପି ପାଇଁ କାମ କରୁଛନ୍ତି। ଆବଶ୍ୟକ ପଡ଼ିଲେ ଏଭଳି ୩୦ରୁ ୪୦ ନେତାଙ୍କୁ ଦଳରୁ ବହିଷ୍କାର କରାଯିବ ବୋଲି ରାହୁଲ ଚେତାବନୀ ଦେଇଛନ୍ତି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ସେ ଏହା କହିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ସେ ଏଭଳି ଧମକ ବା ଚେତାବନୀ ଦେଇଛନ୍ତି। କଂଗ୍ରେସରେ ଯିଏ ଯେତେବେଳେ ଶୃଙ୍ଖଳା ରକ୍ଷା ବା ଅନୁଶାସନ କଥା କହିଲା, ଯିଏ ନେତୃତ୍ୱର ଦୁର୍ବଳତା ପ୍ରସଙ୍ଗ ଉଠାଇଲା, ତାଙ୍କୁ ରାହୁଲ ସଦାସର୍ବଦା ବିଜେପି ଏଜେଣ୍ଟ ବୋଲି କହିଥାଆନ୍ତି। ଏକଦା ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖି କଂଗ୍ରେସର ୧୪ଜଣ ବରିଷ୍ଠ ନେତା କଂଗ୍ରେସରେ ସ୍ଥାୟୀ ସଭାପତି ନିଯୁକ୍ତି ପାଇଁ ଦାବି କରିଥିଲେ। ଏଥିରେ କ'ଣ ଭୁଲ ଥିଲା? କିନ୍ତୁ ରାହୁଲ ଏହି ନେତାମାନଙ୍କୁ ବିଜେପିର ଏଜେଣ୍ଟ ବୋଲି କହିଥିଲେ। ଅର୍ଥାତ କଂଗ୍ରେସରେ ରହି କେହି ଗାନ୍ଧି ପରିବାରକୁ ପ୍ରଶ୍ନ କରିପାରିବେନି, କେହି ଏହାର ନେତୃତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବନି। ଗାନ୍ଧି ପରିବାର ଯେତେବେଳେ ଯାହା ନିଷ୍ପତ୍ତି ନେବେ ତାହା ଚୁଡ଼ାନ୍ତ। ଏହାକୁ ଯିଏ ସ୍ୱୀକାର ନକଲା ସେ ବିଜେପିର ଏଜେଣ୍ଟ। ବାସ୍ତବରେ ରାହୁଲଙ୍କୁ ବିଜେପି ଭୁତ ଲାଗିଛି। ନଚେତ ସେ ଏପରି କଥା କହୁନଥାନ୍ତେ। ବିଜେପି ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ଭୟକୁ ଏହା ପ୍ରମାଣିତ କରୁଛି। ରାହୁଲ ଗାନ୍ଧି ଏବେ ଲୋକସଭାରେ ବିରୋଧୀ ଦଳ ନେତା। କିନ୍ତୁ ଦଳର ରାଷ୍ଟ୍ରୀୟ ସଭାପତି ହେଉଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ। ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଯଦି କାହା ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ସେହି ନିଷ୍ପତ୍ତି ନେବାର ଦାୟିତ୍ୱ ଏବଂ କ୍ଷମତା କେବଳ ଖାର୍ଗେଙ୍କ ହାତରେ ରହିଛି। ରାହୁଲ ଚାହିଁଲେ ଦଳରୁ କାହାରିକୁ ବିଦା କରିପାରିବେ ନାହିଁ। ଦଳରୁ ୩୦/୪୦ ଜଣ ନେତାଙ୍କୁ ବହିଷ୍କାର କରାଯିବ ବୋଲି ରାହୁଲଙ୍କ ଚେତାବନୀ ପ୍ରମାଣିତ କରୁଛି ଯେ, ସେ ହେଉଛନ୍ତି କଂଗ୍ରେସ ଦଳର ନେତା ବା ମାଲିକ। ଖାର୍ଗେ କେବଳ ଗାନ୍ଧି ପରିବାରର ନିର୍ଦ୍ଦେଶପାଳନକାରୀ। ସେ ହେଉଛନ୍ତି ଜଣେ ସଖୀ କଣ୍ଢେଇ ସଭାପତି। ତାଙ୍କୁ ଆଗରେ ରଖି ରାହୁଲ, ସୋନିଆ, ପ୍ରିୟଙ୍କା କଂଗ୍ରେସ ଦଳକୁ ନିଜ ଅକ୍ତିଆରରେ ରଖିଛନ୍ତି। ଯାହା ବି ହେଉ ରାହୁଲ ଦଳ ଭିତରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ଯେଉଁ ଚେତାବନୀ ଦେଇଛନ୍ତି ତାହା ଉପରେ ତର୍ଜମା କଲେ ସ୍ପଷ୍ଟ ହେବ ଯେ, ଏହା ଛୋଟ ନେତା ନୁହଁନ୍ତି ଦଳର କିଛି ବରିଷ୍ଠ ନେତାଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ଏଭଳି ଜଣେ ନେତା ହେଲେ ସାଂସଦ ଶଶି ଥରୁର। ଖାର୍ଗେଙ୍କ ସହ ସେ କଂଗ୍ରେସ ସଭାପତି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ଗାନ୍ଧି ପରିବାର ଖାର୍ଗେଙ୍କୁ ସମର୍ଥନ କରୁଥିବାରୁ ଥରୁର ଜିତି ପାରିଲେ ନାହିଁ। ସବୁ ବେଳେ ସ୍ୱାଧୀନ ମତବ୍ୟକ୍ତ କରିବାର ନଜିର ସୃଷ୍ଟି କରିଥିବା ଶଶି ଥରୁର ନିକଟରେ କଂଗ୍ରେସ ନେତୃତ୍ୱ ପ୍ରତି ପ୍ରଶ୍ନ ଉଠାଇଥିଲେ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

**॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥେରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ଦୂରଭାଷ : ୯୪୩୭୧୨୪୦୭୪**

*ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ।*

# ପ୍ରେମର ଅନୁଶୀଳନ

**॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥**

ଅତି ଦୁଃଖର କଥା ଯେ ଏହି ଦେଶ, ଯେଉଁଠି ମନୁଷ୍ୟର ଦିବ୍ୟତ୍ୱ ଏବଂ ସେହି ଦିବ୍ୟତ୍ୱର ପୁନଃ ପ୍ରାପ୍ତି ଉପାୟ ଆବିଷ୍କୃତ ହୋଇଥିଲା, ଯେଉଁ ଦେଶରେ ମୁନିଋଷିମାନଙ୍କର ଅବିରତ ପ୍ରବାହ ମନୁଷ୍ୟକୁ ଭଗବତ ଅଭିମୁଖୀ ଯାତ୍ରାରେ ତାହାର ଭୂମିକା ସ୍ମରଣ କରାଇ ଦେଇଆସିଛି, ସେହି ଦେଶରେ ଲୋକମାନେ ଶିକ୍ଷାର ଅଧଃପତନ ଏବଂ ଅଭ୍ୟାସର ମଳିନତା ପାଇଁ ସୁଯୋଗ ଦେଉଅଛନ୍ତି। ଏହି ମଧୁର ଜ୍ଞାନରେ ସିକ୍ତ ହୃଦୟ ବିଷ ପାତ୍ରରେ ପରିଣତ ହୋଇଅଛି। ଘୃଣା ସେମାନଙ୍କୁ କଠୋର କରି ଦେଉଛି, ଲୋଭ ସେମାନଙ୍କୁ ଧୂର୍ତ୍ତ କରି ଦେଇଛି; ଗର୍ବ ସେମାନଙ୍କୁ କଳୁଷିତ କରିଛି। ପୁନର୍ବାର ତା ଭିତରେ ଅନ୍ତର୍ନିହିତ ଆନନ୍ଦର ଝରଣା ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଇବାକୁ ପଡ଼ିବ, ଯଦ୍ୱାରା ସେସୁଖୀ ହୋଇ ପାରିବ ଏବଂ ଉତ୍‌କଣ୍ଠାରେ ଉତ୍ତୋଜିତ ହେବନାହିଁ। ମାନବୀୟ ଆଦର୍ଶରେ ଏତେ ଅଧଃପତନ ଘଟିଛି ଯେ ମନୁଷ୍ୟ ଅବତାରମାନଙ୍କର ସୌନ୍ଦର୍ଯ୍ୟ, ଜ୍ଞାନ ଓ ଶକ୍ତିକୁ ଚିହ୍ନିବା ପାଇଁ ଅସମର୍ଥ ହୋଇପଡ଼ିଛି। ସେମାନେ ନିଜେ ଅଂଶ ବିଶେଷ ହୋଇ ଥିବା ଗୌରବ ଓ ଐଶ୍ୱର୍ଯ୍ୟର ସହଜାତ ଅନୁଭୂତି ପାଇଁ ଅଭିଳାଷ କରୁନାହାନ୍ତି। ଅନାଦି ଓ ଅନନ୍ତ ଶକ୍ତି ଭଗବାନଙ୍କ ଚିନ୍ତନରୁ ପ୍ରବାହିତ ଆନନ୍ଦର ଧାରାରେ ସେମାନେ ନିଜକୁ ହଜାଇ ଦେଉନାହାଁନ୍ତି' - ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଉପରୋକ୍ତ ବାଣୀ ଗୁଡ଼ିକ ଆମ ପାଇଁ ପ୍ରଦାନ କରିବା ସହ ଏହା ମଧ୍ୟ କହିଛନ୍ତି ଆଜି ଆମେ କୃଷ୍ଣଙ୍କର ଜନ୍ମଦିନ ପାଳନ କରୁଛେ। ଏହାକୁ ସେହି ଆନନ୍ଦର ପ୍ରାପ୍ତି ନିମନ୍ତେ ତୁମ ଜୀବନକୁ ପୁନଃ ଉତ୍ସର୍ଗୀକୃତ କରିବାରେ ସଦୁପଯୋଗ କର। କୃଷ୍ଣ ଶବ୍ଦର ତିନୋଟି ପୃଥକ୍ ଅର୍ଥ ଅଛି। (୧) 'କର୍ଷ' ଧାତୁରୁ ଏହି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି। ଏହାର ଅର୍ଥ ଯାହା ଆକର୍ଷଣ କରେ। କୃଷ୍ଣ ତାଙ୍କର ଲୀଳା ଖେଳା, ଆସୁରିକ ଶକ୍ତି ଉପରେ ଅଲୌକିକ ବିଜୟ, ମନମୁଗ୍ଧକାରୀ ବାର୍ତ୍ତାଳାପ ତାଙ୍କର ଜ୍ଞାନ, ତାଙ୍କର ମୋହନୀୟ ରୂପ ବଳରେ ସମସ୍ତ ହୃଦୟକୁ ଆକର୍ଷଣ କରନ୍ତି। (୨) ଏହି ଶବ୍ଦ 'କୃଷ୍' ସହିତ ମଧ୍ୟ ସମ୍ବନ୍ଧିତ। ଏହାର ଅର୍ଥ ଶସ୍ୟ ଉତ୍ପାଦନ ନିମନ୍ତେ ଭୂମିକୁ କର୍ଷଣ କରିବା। କୃଷ୍ଣ ଶବ୍ଦର ଅର୍ଥ ଯାହା ମନୁଷ୍ୟର ହୃଦୟରୁ ଅନାବରା ଗଛ ସଫାକରେ ଏବଂ ବିଶ୍ୱାସ, ସାହସ ଓ ଆନନ୍ଦର ବୀଜ ବପନ କରେ। (୩) ଏହା 'କୃଷ୍' ଧାତୁ ଅର୍ଥାତ୍ ତିନିଗୁଣ ଓ ତିନିକାଳର ଅତୀତ, ସହିତ ମଧ୍ୟ ସମ୍ବନ୍ଧିତ। 'ନ' ଅର୍ଥ ସତ୍-ଚିତ୍-ଆନନ୍ଦ। ଭାଗବତରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣ ତାଙ୍କର ଲୀଳା ଓ ମହିମା ବଳରେ ମାନବ ଜାତିର ପ୍ରେମକୁ ଆକର୍ଷଣ କରନ୍ତି, ତାଙ୍କର ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଫସଲ ଉତ୍ପାଦନ କରନ୍ତି ଏବଂ ତାଙ୍କ ସତ୍-ଚିତ୍-ଆନନ୍ଦ ଭାବ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରନ୍ତି।'

ଆମେମାନେ ଭାଗ୍ୟବାନ। କାରଣ, ଆମେ ଭଗବାନଙ୍କ ଶକ୍ତିର ଅନେକ ଅଭିବ୍ୟକ୍ତି ଦେଖି ଅଛୁ। କିନ୍ତୁ ସେଗୁଡ଼ିକ ଅଭିବ୍ୟକ୍ତ ହେବାକୁ ଥିବାରୁ ଅଭିବ୍ୟକ୍ତ ହୋଇଅଛି; ଭଗବାନଙ୍କ ଏହା ପ୍ରତିଭାର ପ୍ରଦର୍ଶନ ନୁହେଁ ବା ପେଷାଦାରୀ ଯୋଗସୂତ୍ର ପ୍ରତିଷ୍ଠା ନିମନ୍ତେ ନୁହେଁ। ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଲେ ସେ ଗୁଡ଼ିକ ସ୍ୱାଭାବିକ ଭାବେ ଅଭିବ୍ୟକ୍ତ ହୁଏ, ଆପେ ଆପେ ଅନ୍ୟ ଶାରୀରିକ କାର୍ଯ୍ୟ ପରି। ବାବା ଆହୁରି ମଧ୍ୟ କହିଛନ୍ତି 'ମୁଁ ସତ୍ୟର ସତ୍ୟ, ମୁଁ ସତ୍ୟ ଆଡ଼କୁ ଦିଗ ଦର୍ଶନ କରାଏ। ମୁଁ ସତ୍ୟ ପରିପ୍ରକାଶ କରେ ମନୁଷ୍ୟ ଯେତେବେଳେ ସତ୍ୟର ଉପଲବ୍ଧି କରେ ସେ ମୋତେ ଉପଲବ୍ଧି କରେ। ରସୋ ବୈସଃ। ସେ ହିଁ ରସ। ସେହିପରି ତାଙ୍କର ସୃଷ୍ଟି, ଜଗତକୁ ଯେଉଁମାନେ ତାଙ୍କର ହସ୍ତକର୍ମ ରୂପେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ବିଶ୍ୱ ରସ ବିନା ଆଉ କିଛି ହୋଇନପାରେ। ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜଗତକୁ ପ୍ରୟୋଗ କରିବାକୁ ହେବ। ଏହାଦ୍ୱାରା ତୁମେ ତାଙ୍କର ଅନ୍ୱେଷଣ କରି ପାରିବ ଓ ତାଙ୍କ ପାଖରେ ପହଞ୍ଚିପାରିବ। ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚାରୋଟି ସୋପାନ ଅଛି। ପ୍ରତ୍ୟେକକୁ ଲୋକ ବୋଲି କୁହାଯାଏ। ପ୍ରଥମଟି ଅବିଦ୍ୟା ଲୋକ। ଏହି ଅଜ୍ଞାନ ଓ ମୋହ ଲୋକରେ ଦୁଃଖ ଓ ସନ୍ତାପ ଦ୍ୱାରା ପ୍ରେରିତ ହୋଇ ତୁମେ ଯାତ୍ରା ଆରମ୍ଭ କରିଥାଅ। ଦ୍ୱିତୀୟଟି ବିଦ୍ୟାଲୋକ। ଏଠାରେ ତୁମେ ବିଜ୍ଞାନମୟ କୋଷ ଉପରେ ଅଭିନିବେଶ କର ଏବଂ ସତ୍ୟ ଓ ମିଥ୍ୟା, ଧାନ ଓ ଅଗାଡ଼ି ଭିତରେ ପ୍ରଭେଦ କରିବାକୁ ସମର୍ଥ ହୁଏ। ତୃତୀୟଟି ଆନନ୍ଦ ଲୋକ। ଏଠାରେ ତୁମେ ଶକ୍ତି ଓ ଶାନ୍ତିର ଚିରନ୍ତନ ଉତ୍ସଙ୍କର ଝଲକ ପାଇ ଆନନ୍ଦରେ ନିମଜ୍ଜିତ ହୁଏ। ଶେଷରେ ଗୋଲୋକ। ଏଠାରେ ଗୋପାଳ ଶାସନ କରନ୍ତି। ଏଠାରେ ସମସ୍ତେ ଗୋ (ଜୀବ, ଦିବ୍ୟତ୍ୱର ସ୍ଫୁଲିଙ୍ଗ, ପ୍ରେମ ସାଗରର ତରଙ୍ଗ) ଅତ୍ୟୁଲ୍ଲାସ ଓ ଅତି ଔଜ୍ଜଲ୍ୟ ସ୍ଥିତିରେ ଏକ ହୁଅନ୍ତି। ତୁମ ପାଖରେ ପ୍ରେମ ନଥିଲେ ତୁମେ ଭଗବତ୍ ପ୍ରେମୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିବନାହିଁ। କେବଳ ବାହ୍ୟାଚାରର ନିର୍ଭୁଲ ପାଳନ, ଆଡ଼ମ୍ବର ପୂର୍ଣ୍ଣ ଅର୍ଚ୍ଚନା ବା ଉଚ୍ଚସ୍ୱରରେ ଜୟଧ୍ୱନି କଲେ ଗୋଲୋକର ଫାଟକରେ ତୁମେ ପ୍ରବେଶ କରି ପାରିବନାହିଁ। ଏଗୁଡ଼ିକ ପ୍ରେମର ରତ୍ନ ସିନ୍ଧୁକ ଆଗରେ ଟିଣ ଡବା ସଦୃଶ। ପ୍ରେମ ଜନ୍ମରୁ ଅମରତ୍ୱ ଆଡ଼କୁ ଏବଂ ମୃତ୍ୟୁରୁ ଅଜାତତ୍ୱ ଆଡ଼କୁ ଯିବା ପାଇଁ ସେତୁ ସଦୃଶ। ତୁମେ ଜୀବ ଭାବରୁ ଦେବ ଭାବକୁ ଉନ୍ନୀତ ହେଲେ ଆଉ ଜନ୍ମ ବା ମୃତ୍ୟୁ ରହିବା ନାହିଁ। ତୁମେ ଯେତେବେଳେ ପ୍ରତ୍ୟେକ ଜୀବକୁ ଏତେ ପ୍ରଗାଢ଼ ଭାବରେ ଭଲ ପାଅ ଯେ ତୁମକୁ ସବୁ କେବଳ ଏକ ପରି ଲାଗେ ସେତେବେଳେ ହିଁ ମୋକ୍ଷ ପ୍ରାପ୍ତି ହୁଏ। ହୃଦୟକୁ ପ୍ରେମରେ ଆର୍ଦ୍ରକର, କର୍ମକୁ ଧର୍ମରେ ଆର୍ଦ୍ରକର, ବାସନାକୁ ଦୟାରେ ଆର୍ଦ୍ରକର, ତେବେ ତୁମେ ଅତି ଶୀଘ୍ର ଭଗବାନଙ୍କୁ ଲାଭ କରିପାରିବ।'

ପ୍ରେମ ସ୍ୱରୂପ କୃଷ୍ଣଙ୍କ ଧ୍ୟାନ କରି ଆମେମାନେ ପ୍ରେମରେ ବିକଶିତ ହେବା ଉଚିତ। ଜୀବନ ବିକଳ କ୍ରନ୍ଦନରେ, ପୀଡ଼ିତର ଆବିସ୍ମିକ ଆବେଦନରେ, କ୍ଷୁଧାର୍ତ୍ତର ଆର୍ତ୍ତନାଦରେ ଆମର ହୃଦୟ ଦ୍ରବୀଭୂତ ଓ କୋମଳ ନ ହେବା ପର୍ଯ୍ୟନ୍ତ, ସେଥିରେ ଥିବା ପ୍ରେମର ନିର୍ଝରିଣୀ ଗର୍ବରତପ୍ତ କିରଣରେ ଅବରୁଦ୍ଧ ଥିବାଯାଏଁ କୃଷ୍ଣ ଆମ୍ଭ ମାନଙ୍କ କାମରେ ବଂଶୀ ବଜାଇବେ ନାହିଁ, ଆମେ ଗୀତା ଓ ଭାଗବତରେ ପଣ୍ଡିତ ହୋଇପାରୁ କିନ୍ତୁ ଆମେ କୃଷ୍ଣଙ୍କ ସେବାରେ କେତେ ଦଶନ୍ଧି ବିତାଇ ଦେଇଛେ ବୋଲି ଦାବି କରିପାରିବା? କିନ୍ତୁ ପ୍ରେମର ଚାବି ବିନା ଆମେ ତାଙ୍କର ନିବାସ ସ୍ଥଳ ଗୋଲକ ଭିତରକୁ ପ୍ରବେଶାନୁମତି ପାଇ ପାରିବ ନାହିଁ। ଆମେ ବହୁ ବର୍ଷ ଧରି ପ୍ରଶାନ୍ତି ନିଳୟମ୍‌ରେ ଥାଇପାର ଏବଂ ସ୍ୱାମୀଙ୍କ ପାଖରେ ଓ ନିକଟରେ ଅଛ ବୋଲି ଦାବି କରିପାରୁ, କିନ୍ତୁ ସେବା ମାଧ୍ୟମରେ ଅଭିବ୍ୟକ୍ତ ପ୍ରେମର ଅନୁଶୀଳନ ବିନା ଆମେମାନେ ଭଗବାନଙ୍କୁ ଜାଣିପାରିବା ନାହିଁ।

**ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫**

# ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ତ୍ୟାଗର ପ୍ରତୀକ

**॥ ତପସ୍ୱିନୀ ପଟ୍ଟନାୟକ ॥**

କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ୍ୟ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା। ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ। ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ। ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା। ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ। ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା। ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ। ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା। ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି। ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବାଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ। ସେଠାରେ ଗୁଣନିଧି ବାବୁ ମଧ୍ୟ ରହୁଥିଲେ। ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ। ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ। ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ। ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା। ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ। ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ। ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି। ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ।

**ଶିକ୍ଷାବିତ୍, ମହାନଦୀ ବିହାର, କଟକ**

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ




ଜୁନାଗଡ, (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆଜି ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା।ଏହି ଶିବିରରେ ଅସ୍ଥିଶଲ୍ୟ ୧୬୨,ଚକ୍ଷୁ ୫୬,କାନ ୮୭,ମାନସିକ ୬୨,ଅନ୍ୟାନ୍ୟ ୬,ସମୁଦାୟ ୩୭୩ ଜଣ ମଧ୍ୟରୁ ୨୧ ଟି ଭିନ୍ନକ୍ଷମ ପ୍ରମାଣ ପତ୍ର,ବସପାସ ୬୧,ଟ୍ରେନପାସ ୪୩,ଘର ୪୩,ଟ୍ରାଇସାଇକଲ ୧୯,ହ୍ୱିଲଚେଆର ୪୭ ଜଣକୁ ପ୍ରଦାନ କରାଯାଇଛି।ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ। ସବିତା ମେହେର,ବିଡିଓ ଦେବାଶିଷ କର, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ବିଏସଏସଓ ତୁଷାର ସାହୁଙ୍କ ସମେତ ବ୍ଲକ କର୍ମଚାରୀ ଓ ବିଭିନ୍ନ ପଂଚାୟତ ଅଞ୍ଚଳର ଶତାଧିକ ଲୋକେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



କଳାହାଣ୍ଡି/ଭବାନୀପାଟଣା, (ମହାଭାରତ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆଜି ଜିଲ୍ଲା ସଦର ମହକୁମା ଭବାନୀପାଟଣା ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ସାମୁହିକ ଯୋଗଭ୍ୟାସରେ ଜିଲ୍ଲାପାଳ କଳାହାଣ୍ଡି ପାଓ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ୍) ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ବି.ଜେ.ପି. ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ତହସିଲଦାର କଳାହାଣ୍ଡି ଶୁଭସ୍ମିତା ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର,ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରତୀକ ରଥ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସହରର ବୁଦ୍ଧିଜୀବୀ, ଗଣମଧ୍ୟମର ପ୍ରତିନିଧି ପ୍ରମୁଖ ଏହି ଯୋଗ ଶିବିରରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଯୋଗ ଗୁରୁ ଡା. ନିହାରେନ୍ଦ୍ର ପଣ୍ଡା ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ ଏବଂ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତା ପାଇଁ ଯୋଗର ଉପକାରିତା ବିଷୟରେ ସାମୁହିକ ଶପଥ ପାଠ କରାଇଥିଲେ। ଦୈନନ୍ଦିନ ଜୀବନରେ ନିଜକୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ଓ ସବଳ ରଖିବାକୁ ହେଲେ ସମସ୍ତେ ଯୋଗଭ୍ୟାସ କରି ସୁସ୍ଥ ରହିବା ସହିତ ଦୀର୍ଘାୟୁ ହେବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଯ୍ୟାତୀୟ ଯୋଗ ଦିବସ ପାଳିତ




ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଯ୍ୟାତୀୟ ଯୋଗ ଦିବସ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଜୁନ ୨୧ ତାରିଖ ଶନିବାର ଦିନ ସଫଳତାର ସହ ପାଳିତ ହୋଇଯାଇଛି । ପାରାଦୀପ ବନ୍ଦରର ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ସିଆଇଏସଏଫ ଅଧିକାରୀ, ବନ୍ଦର ବ୍ୟବହାରକାରୀ ଏବଂ ପାରାଦୀପ ସାକ୍ଷରତା ସମିତି ମହିଳାଙ୍କ ସମେତ ହଜାର ରୁ ଉର୍ଦ୍ଧ ଅନ୍ତେବାସୀଙ୍କ ସମେତ ବନ୍ଦର ଅଧ୍ୟକ୍ଷ ଉପସ୍ଥିତ ହୋଇ ବିଭିନ୍ନ ଯୋଗ ଆସନ ପ୍ରଦର୍ଶନ କରିଥିଲେ। ଏହି ଶିବିରରେ ଆର୍ଟ ଅଫ ଲିଭିଙ୍ଗର ଅଭିଜ୍ଞ ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପତି ଯୋଗଦେଇ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ କ୍ଷ ଏହି କାର୍ଯ୍ୟକ୍ରମ କୁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଉଦଘାଟନ କରି ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ ଯୋଗ ଅଭ୍ୟାସ ର ଗୁରୁତ୍ୱ ଏବଂ ଶାରୀରିକ ଓ ମାନସିକ ଉପରେ ଏହାର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସଚିବ ୟୁ.ଆର.ମୋହନ ରାଜୁ, ଉପ ସଂରକ୍ଷକ କ୍ୟାପଟେନ ଏ.ସି.ସାହୁ, ମୁଖ୍ୟ ଯନ୍ତ୍ରୀ ଏଚ.ଏସ.ରାଉତ, ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ସୁଶୀଲ ନାହାକ, ଟ୍ରାଫିକ ପ୍ରବନ୍ଧକ ଜି.ଏଡିସନ ଓ ମୁଖ୍ୟ ଚିକିତ୍ସାଧିକାରୀ ବି.ବି.ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ବନ୍ଦର ର ସ୍ୱଛତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୪ ଜଣ ସଫେଇ ମିତ୍ର ଏବଂ ସ୍ୱଚ୍ଛ ଭାରତ ଅଭିଯାନ ପ୍ରୋତ୍ସାହନ ପାଇଁ ସାକ୍ଷରତା ସମିତି ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ୯ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଫରେଷ୍ଟ ଡିଭିଜନ୍, ସ୍କୁଲ, କଲେଜ, ଓ ସ୍ଥାନୀୟ ସଂସ୍ଥାଗତ ସ୍ତରରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ବ୍ୟାପକ ଭାବେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବୟସର ଲୋକ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଧିକାରୀ ଓ ଗଣମାଧ୍ୟମ ଉପସ୍ଥିତ ରହି ସକାଳେ ସାଧାରଣ ଯୋଗ କ୍ରିୟା, ପ୍ରାଣାୟାମ ଓ ଧ୍ୟାନ କରି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ସଂପୂର୍ଣ୍ଣ ଉତ୍ସାହରେ ଅଂଶଗ୍ରହଣ କରିଥିଲେ। ଫରେଷ୍ଟ ବିଭାଗ ପକ୍ଷରୁ ଏସିଏଫ ସୁମନ ମାଝୀ ଆଡକଟା ଓ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ଛାମୁଣ୍ଡିଆ ଠାରେ ଯୋଗାଭ୍ୟାସ କରି ପ୍ରକୃତି ଓ ସ୍ୱାସ୍ଥ୍ୟର ସମ୍ପର୍କ ଉପରେ ବିଶେଷ ଆଲୋଚନା କରାଇଥିଲେ। ଯୋଗ ଶିକ୍ଷକମାନେ ଯୋଗର ଉପକାରିତା ବିଷୟରେ ଅବଗତ କରାଇଥିଲେ।ଏହି ଦିନଟି ଗଣିଆ ବ୍ଲକରେ ସ୍ୱାସ୍ଥ୍ୟ, ସାଧନା ଓ ସାମୁଦାୟିକ ସଂଯୋଗ ର ଏକ ଉତ୍ସବ ଭାବେ ପାଳିତ ହେଲା।

## ରାସ୍ତା ଅବସ୍ଥା ଅତି ଶୋଚନୀୟ: ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି ପଥଚାରି

ଲାଞ୍ଜିଗଡ଼, (ମହାଭାରତ): ଲାଞ୍ଜିଗଡ଼ ବ୍ଲକରେ ବିଭିନ୍ନ ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି ।ଏମିତିକି ନବନିର୍ମିତ ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କ ବା ପୂର୍ତ୍ତ ବିଭାଗର ରାସ୍ତା ମଧ୍ୟ ଶୋଚନୀୟ ଅବସ୍ଥା ହୋଇଛି। ନିର୍ମାଣର ବର୍ଷେରୁ ଦୁଇ ବର୍ଷ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯିବା ସହ ବଡ଼ବଡ଼ ଖାଲ ଖମା ସୃଷ୍ଟି ହୋଇ ସାରିଲାଣି ।ରାସ୍ତା ନିର୍ମାଣର ୫ବର୍ଷ ମଧ୍ୟରେ ରାସ୍ତା ଖରାପ ହେଲେ ରାସ୍ତାର ମରାମତି କାମ ପାଇଁ ଆନୁଦାନ ରହିଥିଲେ ମଧ୍ୟ କୌଣସି କାମ ହେଉନାହିଁ ।ଏଣୁ ରାସ୍ତାର ପରିସ୍ଥିତି ଏଭଳି ହୋଇଛି ରାସ୍ତା ମଝିରେ ବଡ଼ବଡ଼ ଗର୍ତ୍ତ ସହ ଅଳ୍ପ ବର୍ଷା ହେଲେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହେଉଛି କ୍ଷ ଯାହାଫଳରେ ରାସ୍ତାରେ ଯାତାୟାତ ସମୟରେ ପଥଚାରୀଙ୍କ ଦୁର୍ଘଟଣା ଆଶଙ୍କା ରହିଥିବା ବେଳେ ଯିବା ଆସିବାରେ ଗୋଟିଏ ପ୍ରକାର ଠପ ହୋଇପଡୁଛି । କିନ୍ତୁ ଠିକାଦାରଙ୍କ ଲାଭଖୋର ନୀତିକୁ ଆଖି ବୁଜି ସମର୍ଥନ




ଦେଉଥିବା ଜିଲ୍ଲା ବିଭାଗୀୟ ଅଧିକାରୀ ସବୁ ଜାଣି ଅଜଣା ସାଜିଛି। ଫଳରେ ଲୋକଙ୍କ ସମସ୍ୟା ବଢ଼ିବାରେ ଲାଗିଛି ।ରାସ୍ତାର ଦୁରବସ୍ଥା ଯୋଗୁଁ ଲୋକେ ଯାତାୟାତରେ ଘୋର ଅସୁବିଧା ଭୋଗୁଥିବା ବେଳେ ରୋଗୀ,ସ୍କୁଲ ଛାତ୍ର ଛାତ୍ରୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ନେବା ଆଣିବାରେ ସମସ୍ୟା ଦେଖା ଦେଇଛି। ଏନେଇ ବାରମ୍ବାର ଅଭିଯୋଗ ପରେବି ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି ।ସେହିଭଳି ଏକ ଅଭିଯୋଗ ଆସିଛି ଆଦିବାସୀ ଅଧୁଷିତ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ରାସ୍ତାରୁ ।ଏହି ରାସ୍ତାଟି ମୂଷାନାଳ ଦେଇ ବିଶ୍ୱନାଥପୁର ବିଜେପୁର ଓ ସୀମାନ୍ତ ରାୟଗଡା ଜିଲ୍ଲା କଲ୍ୟାଣିସିଂପୁରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ହଜାର ହଜାର ଲୋକଙ୍କ ପାଇଁ ଯାତାୟାତରେ ସହାୟକ ହୋଇଥାଏ। ସେହିପରି ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଅନେକ ପଞ୍ଚାୟତକୁ ସଂଯୋଗ କରିବା ପାଇଁ ଏହା ମୁଖ୍ୟ ରାସ୍ତା ରହିଛି । ତେବେ ରାସ୍ତାରେ ନିମ୍ନମାନର କାମ ଯୋଗୁଁ ମୂଷାନାଳ ଦୋରାପଡ଼ା ମଧ୍ୟରେ ପିଚୁ ଉଠିଯାଇ ବଡ଼ବଡ଼ ଘାଇ ସୃଷ୍ଟି ହୋଇଛି କ୍ଷରାସ୍ତା ମଝିରେ ଥିବା ଉକ୍ତ ଘାଇରେ ଅଳ୍ପ ବର୍ଷା ହେଲେ ଆଣ୍ଠୁଏ ପାଣି ରହିଥିବା ବେଳେ ଯାତାୟତରେ ରୋଗୀ, ଅଙ୍ଗନବାଡିର କୋମଳ ମତି ଶିଶୁ, ସ୍କୁଲ ଛାତ୍ର ଛାତ୍ରୀ, ବ୍ୟାଙ୍କ ଉପଭୋକ୍ତା, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ନେବା ଆଣିବାରେ ସମସ୍ୟା ଦେଖା ଦେଇଛି ।ଲୋକଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।ରାସ୍ତା ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେବି ଶୁଣୁନଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ତ୍ୱେ ଏତିପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହେଉଛି ।

## ପାରାଦୀପ ପୌରପାଳିକା ପକ୍ଷରୁ ଆୟୋଜିତ ଆନ୍ତର୍ଯ୍ୟାତୀୟ ଯୋଗ ଦିବସରେ ସାମିଲ ହେଲେ ଶିଳ୍ପମନ୍ତ୍ରୀ

ପାରାଦୀପ, (ମହାଭାରତ) : ପାରାଦୀପ ପୌରପାଳିକା ପକ୍ଷରୁ ସମୁଦ୍ର ବେଳାଭୂମି କଳିଙ୍ଗ ବାଲିଯାତ୍ରା ପଡିଆରେ ଆନ୍ତର୍ଯ୍ୟାତୀୟ ଯୋଗ ଦିବସ ଉତ୍ସାହ ଉଦ୍ଦୀପନା ସହକାରେ ଶନିବାର ଦିନ ସକାଳେ ଆୟୋଜିତ ହୋଇଯାଇଛି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ର ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ଅଭ୍ୟାସ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଶରୀର ସୁସ୍ଥ ଓ ନିରୋଗ ରଖିବାକୁ ଦୈନିକ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା,ଗୋଆ କାର୍ବନ ମୁଖ୍ୟ ବେନୁଗୋପାଲ ନାଇଡୁ,





ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଯୋଗ ଅଭ୍ୟାସ କାର୍ଯ୍ୟକ୍ରମରେ ସକ୍ରିୟା ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ର ସଦସ୍ୟ ଓ ସଦସ୍ୟାଙ୍କ ସମେତ ବିଭିନ୍ନ ସ୍କୁଲ ଓ କଲେଜ ର ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ଉତ୍ସାହର ସହ ଯୋଗ ଅଭ୍ୟାସ କରିଥିବାର ଦେଖିବାକୁ ମିଳିଥିଲା । ସେହିପରି ଭାରତୀୟ ତଟରକ୍ଷକ ବାହିନୀ, ଜିଲ୍ଲା ମୁଖ୍ୟାଳୟ (ଓଡିଶା) ଓ ପାରାଦୀପ ର ଅନ୍ୟ ତଟ ରକ୍ଷକ ୟୁନିଟ ମାନଙ୍କ ଦ୍ୱାରା ଏକ ବ୍ୟାପକ ଯୋଗ କାର୍ଯ୍ୟକ୍ରମର ଆୟୋଜନ ୧୦ ରୁ ୨୧ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଜନସାଧାରଣ ମଧ୍ୟରେ ଯୋଗର ଉପକାରିତା ବିଷୟରେ ସଚେତନତା ବୃଦ୍ଧି କରିବା । ଏହି କାର୍ଯ୍ୟକ୍ରମରେ ନେସନାଲ କାଡେଟ୍ କୋର୍ (ଏନସିସି) କ୍ୟାଡେଟ୍, ମତ୍ସ୍ୟଜୀବୀ ସମୁଦାୟ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ଜବାନ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଆଂଶଗ୍ରହଣ କରିଥିଲେ।

## ଯୋଗ ଦିବସ ପାଳିତ

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ- ଉତ୍ସବ ପାଳନ କରାଗଲା। ଏହି ବର୍ଷର ଯୋଗ ବାର୍ତ୍ତା ଥିଲା (ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ) । ଏହି ସଭାରେ ମୁଖ୍ୟ ଅତିଥି ଭାବେ ମହେଶ୍ୱର ମଣ୍ଡଳ, ଜିଲ୍ଲା ମୁଖ୍ୟ ପ୍ରବନ୍ଧକ ତଥା ନିର୍ଦ୍ଦେଶକ-ଗଜପତି, ପାରଳାଖେମୁଣ୍ଡି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଯୋଗ କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ଯୋଗ ଗୁରୁ ପାଉଲ ଦଳବେହେରା ଯୋଗ ଶିକ୍ଷା ଦେଇଥିଲେ । ଯୋଗ ଦ୍ୱାରା ଶାରୀରିକ ମାନସିକ ଏଂ ଆଧାତ୍ମିକ ସୁସ୍ଥତା ପାଇଁ ଯୋଗ କରାଯାଏ ଏହାକୁ ଏକ ଦୈନଦିନ ଅଭ୍ୟାସ ଭାବରେ ଗ୍ରହଣ କରିବାକୁ ପ୍ରତିଜ୍ଞା କରବା ଉଚିତ । ଯୋଗକୁ ଆମର ନୀତିଦିନିଆ ଜୀବନରେ ଯୋଡି ଉତ୍ତମ ସ୍ୱାସ୍ଥ୍ୟ ଏଂ ମାନସିକ ଶାନ୍ତି ଲାଭ ପାଇଁ ସମସ୍ତଙ୍କୁ ପ୍ରୋତ୍ସାହନ ଦେବା ସହ ମୋର ପରିବାର ବନ୍ଧୁ ଏବଂ ସମାଜକୁ ଏ ଦିଗକୁ ଉତ୍ସାହିତ କରିବା ପାଇଁ କୁହାଯାଇଥିଲା । ଯୋଗ ଦ୍ୱାରା ନିଜ ପାଇଁ ଏବଂ ସମାଜ ପାଇଁ ଏହା ନିତ୍ୟାନ୍ତ ଆବଶ୍ୟକ ବୋଲି ବୁଝା ଯାଇଥିଲା । ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନର ନିର୍ଦ୍ଦେଶକ ମହେଶ୍ୱର ମଣ୍ଡଳ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଉଟି ପରଲର ଶିକ୍ଷା ଲାଭ କରୁଥିବା ମହିଳା ପ୍ରଶିକ୍ଷାର୍ଥୀ ଏବଂ ପୁରୁଣା ମହିଳା ଉଦ୍ୟୋଗୀ ମାନେ ଉପସ୍ଥିତ ଥିଲେ । ଏହି ସଭାରେ ଅନୁଷ୍ଠାନର ପାଠ୍ୟ ସଂଯୋଜକ ଶ୍ରୀ ପ୍ରଦୀପ କୁମାର ଦାସ ତଥା ବିଉଟି ପରଲର ଡିଏସଟି କୁମାରୀ ଶୁଚିସ୍ମିତା ସ୍ୱାଇଁ ଏବଂ ଶ୍ରୀ ଓ୍ୱାୟ। ସୁନିଲ କୁମାର ଓ କୁମାରୀ ଲଳିତା ମାଝି, କାର୍ଯ୍ୟାଳୟ ସହାୟକ/ସହାୟିକା ଏଂ ଜବାହାର ନେହୁରୁ ଯୁବା କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଯୋଗ କରିବା ପାଇଁ ଶାମୁହିକ ଶପଥ ପାଠ କରାଯାଇଥିଲା । ଶେଷରେ ଅନୁଷ୍ଠାନର ପ୍ରାଧ୍ୟାପକ ତଥା ପାଠ୍ୟ ସଂଯୋଜକ ଶ୍ରୀ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସାଙ୍ଗ କରି ଥିଲେ।

## ପଞ୍ଚାୟତସମିତି ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଅସ୍ତରଙ୍ଗ, (ମହାଭାରତ) : ଆଜି ସାରା ବିଶ୍ୱ ରେ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେଉଛି। ଆଜିର ଏହି ସ୍ୱାସ୍ଥ୍ୟ ଆଉ ଯୋଗର ପବିତ୍ର ଦିବସ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଅଭିଭାଷଣ ପରେ ଅସ୍ତରଙ୍ଗ ବ୍ଲକ ନରେନ୍ଦ୍ର ଷ୍ଟାଡିୟମରେ ଏହି ଯୋଗ ଶିବିର ଉଦ୍ଘାଟନ ହୋଇଥିଲା। 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ 'ର ନାରା ରେ ଆଜି ନରେନ୍ଦ୍ର ଷ୍ଟାଡିଅମ ରେ ଏକତ୍ରିତ ହୋଇଥିଲେ ୫୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅସ୍ତରଙ୍ଗ ବ୍ଲକ କର୍ମଚାରୀ, ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଯୋଗ ର ରହିଛି ନିତ୍ୟାନ୍ତ ଆବଶ୍ୟକ, ସୁନ୍ଦର ପରିବେଶ ଗଠନ ସହ ଶାରୀରିକ ଦକ୍ଷତା,ସୁସ୍ଥ ମାନସିକତା ଗଠନ କରିବାକୁ ହେଲେ ଯୋଗ ପ୍ରାଣାୟାମ ଆବଶ୍ୟକ ଅର୍ନ୍ତିାର୍ଯ୍ୟ ବୋଲି ଉପସ୍ଥିତ ଅତିଥି ଓ ଯୋଗ ଗୁରୁ ମାନେ ଶିବିର କୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ଙ୍କୁ ଉଦବୋଧନ ଦେଇଛନ୍ତି। ସମାଜ ରେ ଆଜି ଅନେକ ପ୍ରକାର ରୋଗ ସାମ୍ନାକୁ ଆସୁଛି ଆଉ ଏହି ରୋଗ ର ପ୍ରଭାବ ରେ ବ୍ୟକ୍ତି ମାନଙ୍କ ଅକାରଣରେ ମୃତ୍ୟୁ ଘଟୁଛି। ଅନେକ ପରିବାର ଆଜି ଅସ୍ୱାସ୍ଥ୍ୟକର ମାନସିକତା ପାଇଁ ଭାଙ୍ଗି ଯାଉଛି। ପୁରାଣ ଯୁଗରେ ମୁନୀ ରୁଷି ମାନେ ଯୋଗ ଓ ପ୍ରାଣାୟାମ ମାଧ୍ୟମ ରେ ଅନେକ ସାଧନା କରୁଥିଲେ ଯାହାଦ୍ୱାରା ସମାଜ କଲ୍ୟାଣ ଆଉ ଶୁଦ୍ଧ ସୁସ୍ଥ ସମାଜ ଗଠନ କରିବାରେ ପୂର୍ଣ୍ଣ ଦକ୍ଷତା ସେମାନଙ୍କ ନିକଟରେ ରହୁଥିଲା, କେବଳ ସେମାନେ ନୁହନ୍ତି ରାଜା ମହାରଜା ମାନେ ମଧ୍ୟ ଏହି ଯୋଗ ପ୍ରାଣାୟାମ ଦ୍ୱାରା ନିଜର ଶାସନ ଦକ୍ଷତା ରେ ସୁନାମ ଅର୍ଜନ କରିଥିଲେ। କିନ୍ତୁ ଆଜି ଆଧୁନିକତା ଭିତରେ ସେହି ପାତାଞ୍ଜଳି ଶାସ୍ତ୍ର ଅଦୃଶ୍ୟ ହେଉଯାଉଛି। ଯାହାକୁ ପୁନଃ ଉଦ୍ଧାର କରିବା ପାଇଁ ଯଶ୍ୱଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତ୍ୟେକ ବର୍ଷ ଜୁନ ୨୧ ତାରିଖ କୁ ଯୋଗ ଦିବସ ରୂପେ ପାଳନ କରିବାକୁ ଦେଶବାସିଙ୍କୁ ପରାମର୍ଶ କରିଥିଲେ। ଆଜି ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ସାରା ଭାରତ ବର୍ଷ ରେ ପାଳିତ ହେଇଛି। ଅସ୍ତରଙ୍ଗ ପଞ୍ଚାୟତ ସମିତି ତରଫରୁ ଅସ୍ତରଙ୍ଗ ନରେନ୍ଦ୍ର ଷ୍ଟାଡିଅମ ରେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା ଙ୍କ ଅଧକ୍ଷତା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି, ଉପସ୍ଥିତ ଅନ୍ୟ ଅତିଥି ମାନଙ୍କ ଭିତରେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପଣ୍ଡିତ କାଳନ୍ଦୀ ଛାଟୋଇ ଓ ଅନ୍ୟ ଯୋଗ ଗୁରୁ ମାନେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ପାତାଞ୍ଜଳି ଶାସ୍ତ୍ର ଯୋଗ ଶିଖାଇ ବା ସହ ସୁସ୍ଥ ସମାଜ ଗଠନ ପାଇଁ ଯୋଗ ର ଆବଶ୍ୟକତା ଉପରେ ବୁଝାଇଥିଲେ ।

## ଜିଲ୍ଲାରେ କାୟା ମେଲାଉଛି ମ୍ୟାଲେରିଆ: ଶରଣକୁଳରେ ସର୍ବାଧିକ ରୋଗୀ ଚିହ୍ନଟ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ଧୀରେ ଧୀରେ ମ୍ୟାଲେରିଆ ରୋଗ କାୟା ମେଲାଇବାରେ ଲାଗିଛି। ଜିଲ୍ଲାରେ ଚଳିତ ବର୍ଷ ମେ' ମାସ ସୁଦ୍ଧା ୨୦୧ ଜଣ ମ୍ୟାଲେରିଆ ରୋଗୀ ଓ ୬ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯଦିଓ ଡେଙ୍ଗୁ ଆକ୍ରାନ୍ତଙ୍କୁ ନେଇ ସେତେଟା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇ ନାହିଁ, ମାତ୍ର ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟାରେ ଧୀରେ ଧୀରେ ବଢୁଥିବା ଦେଖାଯାଉଛି। ଫଳରେ ବାଧ ହୋଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଥିବା ଅଞ୍ଚଳରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଦଶପଲ୍ଲା ଓ ଗଣିଆ ଅପେକ୍ଷା ଓଡ଼ଗାଁ ବ୍ଲକ୍ ଶରଣକୁଳରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବା ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ମୁତାବକ, ଚଳିତ ବର୍ଷ ଏବେ ସୁଦ୍ଧା ଜିଲ୍ଲାରେ ମୋଟ୍ ୮୫,୪୨୬ ଜଣଙ୍କ ରକ୍ତ ନମୂନା ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୨୦୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଶରଣକୁଳରେ ସର୍ବାଧିକ ୧୦୨ ଜଣ ଆକ୍ରାନ୍ତ ରହିଥିବା ବେଳେ ଦଶପଲ୍ଲାରେ ୫୦ ଜଣ ଓ ନୟାଗଡ଼ର



୨୦ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ବାକି ୨୯ ଜଣ ବିଭିନ୍ନ ବ୍ଲକ୍ ରୁ ଚିହ୍ନଟ ହୋଇଛନ୍ତି। ଦଶପଲ୍ଲା ଓ ଗଣିଆରେ ପ୍ରତ୍ୟେକ ବର୍ଷ ଅଧିକ ରୋଗୀ ଚିହ୍ନଟ ହୁଅନ୍ତି। ମାତ୍ର ଚଳିତ ବର୍ଷ ବର୍ତ୍ତମାନ ଶରଣକୁଳରେ ଶତାଧିକ ରୋଗୀ ଚିହ୍ନଟ ହେବା ଏକ ବ୍ୟତିକ୍ରମ। ଏଣୁ ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଅଧିକ ଖୋଳତାଡ଼ ଚଳାଇଛି। ବାହାର ଜିଲ୍ଲାରୁ ସଂକ୍ରମିତ ହୋଇ ଶରଣକୁଳ ହସ୍ପିଟାଲରେ ସେମାନେ ରକ୍ତ ନମୂନା ପରୀକ୍ଷା କରାଇଥିବା ବିଭାଗ ପକ୍ଷରୁ କୁହାଯାଉଛି। ୨୦୨୩ରେ ଜିଲ୍ଲାରେ ମୋଟ୍ ୬୧୨ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ଗତ ବର୍ଷ ଏହି ସଂଖ୍ୟା ତିନି ଶହ ମଧ୍ୟରେ ସୀମିତ ଥିଲା। ପଡ଼ୋଶୀ ଜିଲ୍ଲା ଗଞ୍ଜାମ, ଗଜପତି ଓ ଅନ୍ୟ ଅଞ୍ଚଳରୁ ଅଧିକାଂଶ ଛାତ୍ରଛାତ୍ରୀ ଏଠାରେ ଥିବା ଆବାସିକ କଲେଜ ଓ ସ୍କୁଲରେ ପାଠ ପଢୁଛନ୍ତି। ସେମାନେ ସେପଟୁ ପଜିଟିଭ୍ ହୋଇ ଆସୁଥିବା ବେଳେ ଏଠାରେ ଅନ୍ୟ ମାନଙ୍କୁ ସଂକ୍ରମିତ କରୁଛନ୍ତି। ଫଳରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଜିଲ୍ଲାରେ ଥିବା ୩୨ଟି ଆବାସିକ ସ୍କୁଲ ଓ କଲେଜରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ନମୂନା ସଂଗ୍ରହ କରିବା ପାଇଁ ଯୋଜନା କରିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେବଳ ଯେ ଲକ୍ଷଣ ଦେଖାଯାଉଥିବା ରୋଗୀମାନ ଙ୍କ ଠାରେ ମ୍ୟାଲେରିଆ ଭୂତାଣୁ ଚିହ୍ନଟ ହେଉଛି, ତାହା ନୁହେଁ। ଗତବର୍ଷ ଗୋଟିଏ ସ୍କୁଲର ୧୯ ଜଣ ଛାତ୍ରଛାତ୍ରୀଙ୍କର ଆଦୌ କୌଣସି ଲକ୍ଷଣ ନଥିଲା, ମାତ୍ର ସମସ୍ତେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଯେଉଁ ମାନେ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେମାନଙ୍କୁ ଔଷଧ ଦିଆଯାଇ ମଶାରୀ ଟାଙ୍ଗୀ ଶୋଇବା ପାଇଁ ପରାମର୍ଶ ଦିଆଯାଉଛି। ଡେଙ୍ଗୁ ଆକ୍ରାନ୍ତଙ୍କ ୬ ଜଣ ମଧ୍ୟରୁ ଶରଣକୁଳ ଅଞ୍ଚଳରେ ସର୍ବାଧିକ ତିନି ଜଣ ଥିବା ଜଣାପଡ଼ିଛି। ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ବିଭାଗ ଦାୟିତ୍ୱରେ ଥିବା ଡାକ୍ତର ବନମାଳି ପ୍ରଧାନଙ୍କ ସୂଚନା ମୁତାବକ, ରାଜ୍ୟରେ ଚିହ୍ନଟ ହେଉଥିବା ରୋଗୀ ମାନଙ୍କ ତୁଳନାରେ ନୟାଗଡ଼ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି। ତଥାପି ଗାଁରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଲୋକ ମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି। ଗାଁ କମିଟି ସଭାପତିଙ୍କ ମାଧ୍ୟମରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଉଛି। ଗାଁରେ ଥିବା ବଣ ବୁଦା ସଫା କରାଯିବା ସହ ମଶାଙ୍କ ବଂଶ ବୃଦ୍ଧି ରୋକିବା ଦିଗରେ ସମସ୍ତେ ପଦକ୍ଷେପ ନିଆଯାଉଛି।

## ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



କପ୍ତିପଦା-(ମହାଭାରତ): କପ୍ତିପଦା - ପଦ୍ମପୋଖରି ଗ୍ରାମ ପଞ୍ଚାୟତ ରେ ଥିବା ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ରେ ଆନ୍ତର୍ଜାତୀୟ ଯୋଗ ଦିବସ ଜୁନିୟର ରେଡକ୍ରସ ର ବ୍ଲକ ସଂଯୋଜକ ତଥା ଆଦର୍ଶ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ଙ୍କ ଆବାହକ ତାରେ ପାଳିତ ହୋଇ ଯାଇଛି । ପ୍ରଥମେ ସମସ୍ତେ ଯୋଗ ର ସାମୁହିକ ଶପଥ ପାଠ କରିଥିଲେ । ଶିକ୍ଷକ ଚକ୍ରବର୍ତ୍ତୀ ଏକ ପୃଥିବୀ,ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ଯୋଗ ର ଉପଯୋଗୀତା ବିଷୟରେ ବକ୍ତବ୍ୟ ରଖିଥିଲେ। ଯୋଗ ,ପ୍ରାଣାୟମ ଆଦି କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।ଯୋଗ ପ୍ରାଣାୟମ କୁ ନିୟମିତ କରୁଥିବା ବ୍ୟକ୍ତି ର ଜୀବନରେ କୌଣସି ରୋଗ ଛୁଇଁ ପରେ ନାହିଁ । ଶାରୀରିକ ଓ ମାନସିକ ରୋଗର ମୂଳପୁଛ ହୋଇଯାଉଛି । ଦୁଧି ସମାଡ ସହ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ,କର୍ମଚାରୀ ସହଯୋଗ କରିଥିଲେ ।

## କ୍ଲଷ୍ଟର ସ୍ତରୀୟ ଅବସର କାଳିନ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ

କପ୍ତିପଦା-(ମହାଭାରତ): କପ୍ତିପଦା -କ୍ଲଷ୍ଟର ସ୍ତରୀୟ ଅବସର ଗୁରୁଜୀ ଓ ଗୁରୁମା 'ଙ୍କୁ ସମ୍ବର୍ଦ୍ଧନା। କପ୍ତିପଦା କ୍ଲଷ୍ଟର ଆନୁକୂଲ୍ୟରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ଅବସର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ କପ୍ତିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସଂଯୋଜକ ଗାନସା ମୁର୍ମୁଙ୍କ ଅଧ୍ୟକ୍ଷତାରେ, ହୋଇଯାଇଛି ।ଉକ୍ତ ସମ୍ବର୍ଦ୍ଧନା ଉତ୍ସବର ମୁଖ୍ୟ ଅତିଥିଭାବେ କପ୍ତିପଦା ବି. ଆର. ସି. ସି. ଘନଶ୍ୟାମ ସିଂ, ମୁଖ୍ୟ କ୍ତା ଥିଲେ କପ୍ତିପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ସିଂରାୟ ମୁର୍ମୁ,ସମ୍ମାନୀତ ଅତିଥିଭାବେ ଭାବେ ଏ. ବି. ଇ. ଓ. ଲକ୍ଷ୍ମୀଧର ସିଂ ଏବଂ କପ୍ତିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲକ ଚନ୍ଦ୍ର ବେଜ, ଅତିଥିଭାବେ ଦୈତାରୀ ସେଠି, ବେଣୁଧର ଦାସ ମଞ୍ଚାସୀନ ଥିବା ବେଳେ ମଞ୍ଚର ମୁଖ୍ୟ ଆକର୍ଷଣ ଥିଲେ ସମ୍ବର୍ଦ୍ଧିତ ପ୍ରତିଭା ଅବସର ଶିକ୍ଷକ ମାୟାଧର ବେହେରା, ସୁରେନ୍ଦ୍ର ନାୟକ, ନରେନ୍ଦ୍ର ନାଥ ମଲ୍ଲିକ ଓ ଶିକ୍ଷୟିତ୍ରୀ ଅନ୍ତପୂର୍ଣ୍ଣା ବେହେରା । ବିଦାୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ କାର୍ଯ୍ୟ ଦକ୍ଷତା, ନିଷ୍ଠା, ଛାତ୍ରବତ୍ସଳତା, ସମାଜର ମଙ୍ଗଳ ପାଇଁ ଦୀର୍ଘ ଦିନର ତ୍ୟାଗ ଚିର ସ୍ମରଣୀୟ ହୋଇ ରହିବ, ଦୀର୍ଘ ନିରାମୟ ଜୀବନ ଯାପନ କରନ୍ତୁ, ଈଶ୍ୱର ସେମାନଙ୍କ ଚଲାପଥ କୁସୁମିତ କରନ୍ତୁ ଏହା ଥିଲା ଅତିଥିମାନଙ୍କ ମତ ।ସମସ୍ତ ଅବସର ପ୍ରତିଭାଙ୍କୁ ମାନପତ୍ର, ଉତରୀୟ, ଗୀତା ପୁସ୍ତକ, ଛତା ତଥା ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା ।କାର୍ଯ୍ୟକ୍ରମର ସଫଳତା ପଛରେ ଶିକ୍ଷକ ବିଜୟ ସାହୁ, ପ୍ରମୋଦ ଗିରି, କ୍ଷିତୀଶ ସେଣ, ସୁଶାନ୍ତ ନାୟକ ଥିବାବେଳେ, କ୍ଲଷ୍ଟରର ପ୍ରତି ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଆର୍ଥିକ ସହାୟତା ଓ ସହଯୋଗ ରହିଥିଲା ।ଶିକ୍ଷକ ସୂର୍ଯ୍ୟରାଜ ବେହେରା ସ୍ୱାଗତ ଭାଷଣ ରଖିଥିବା ବେଳେ, ପଞ୍ଚାନନ ସେନାପତି ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା ମାର୍କମା +୩ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ



ବିଷମକଟକ(ମହାଭାରତ): ସ୍ଥାନୀୟ ମା ମାର୍କମା +୩ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଯୋଗ ଦିବସରେ ମହାବିଦ୍ୟାଳୟର ଏନଏସଏସ , ଏନସିସି, ଯୁବ ରେଡକ୍ରସ ଏବଂ ସ୍କାଉଟ ଗାଇଡର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ପଣ୍ଡାଙ୍କ ତ□ାବଧାନରେ ଏହି ଦିବସଟିକୁ ପାଳନ କରାଯାଇଥିବା ବେଳେ, ଯୋଗ ଶିକ୍ଷା ପ୍ରଦାନ କରିଥିଲେ ସ୍ଥାନୀୟ ନିବାସୀ ଶ୍ରୀଯୁକ୍ତ ମକରଧ୍ଵଜ ଉତ୍ତରାସିଲ୍ଲୀ । ଶ୍ରୀଯୁକ୍ତ ଉତ୍ତରାସିଲ୍ଲୀ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ଯୋଗର ଉପକାରିତା ଏବଂ ଯୋଗ ଶରୀରକୁ କିଭଳିଭାବରେ ସୁସ୍ଥରଖେ ତାହା ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଏନସିସି ଅଧିକାରୀ କେପ୍ଟେନ ବି. ରବିଶଙ୍କର ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଦୈନନ୍ଦିନ ଜୀବନରେ ଯୋଗ ଅଭ୍ୟାସ ଜାରି ରଖିବା ପାଇଁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଏନଏସଏସ ଅଧିକାରୀ ଶ୍ରୀ ବିନନ୍ତ ଡଙ୍ଗ୍ରୀ, ଶ୍ରୀମତି ସସ୍ମିତା କୁମାରୀ ମହାନ୍ତି, ରେଡକ୍ରସ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ତ୍ରିପାଠୀ, ସ୍କାଉଟ ଗାଇଡ ଅଧିକାରୀ ଶ୍ରୀ ବୃନ୍ଦାବନ ସାହୁ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ ।

## ଆସିକାର ବିଭିନ୍ନ ଅନୁଷ୍ଠାନରେ ଆନ୍ତଃର୍ଜାତୀୟ ଯୋଗ ଦିବସ ପାଳିତ

ଆସିକା (ମହାଭାରତ): ଆସିକା ବ୍ଲକ ଏବଂ ଏନ ଏ ସି ପକ୍ଷରୁ ହରିହର ହାଇସ୍କୁଲ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ଆନ୍ତଃର୍ଜାତୀୟ ଯୋଗ ଦିବସ ପାଳନ ହୋଇ ଯାଇଛି । ଆୟୋଜିତ କାର୍ଯ୍ୟକ୍ରମ ରେ ବିଡ଼ିଓ ଲିପିନା ଦାସ, ବିଧାୟକ ଙ୍କ ପୁଅ ସଂବିତ ପାଢ଼ୀ, ଏନ ଏ ସି ଅଧକ୍ଷା ବିନେତା ସ୍ୱାଇଁ, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର,ସିଡିପିଓ ଇନ୍ଦିରା ମହାପାତ୍ର, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା,ଯୋଗ ପ୍ରଶିକ୍ଷକ ଗୁଣ୍ଡିଚା ମହାରାଣା, ପ୍ରମୁଖ ବ୍ଲକ ଏବଂ ଏନ ଏ ସି ସ୍ତରୀୟ ଯୋଗ ଶିବିର ରେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ ।ସେହିଭଳି ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ଆନ୍ତର୍ଜାତୀୟ ଯୋଗ ଦିବସ ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା, ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା, ଲୀନାକୁମାରୀ ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ପ୍ରାଙ୍ଗଣରେ ଆୟୋଜିତ ହୋଇ ଯାଇଛି ।ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏବଂ ଏନ୍.ସି.ସି., ୟାଇ.ଆର.ସି., ସ୍କାଉଟ୍ ଓ ଗାଇଡ୍ସର ଏବଂ ଏନ୍ଏସ୍ଏସ୍ ଶାଖାର ମିଳିତ ଆନୁକୂଲ୍ୟରେ ଅନ୍ତଃର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଯାଇଛ। ଏହି କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଅବସର ପ୍ରାପ୍ତ କ୍ରୀଡାଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ମୁହାଁମୁହିଁ ନୟାଗଡ଼ ବିକାଶ ମଞ୍ଚ ଏବଂ ଡାକ୍ତର ସଂଘ







ନୟାଗଡ଼ : ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ଙ୍କ ମୃତ୍ୟୁକୁ ନେଇ ମୁହାଁମୁହିଁ ନୟାଗଡ଼ ବିକାଶ ମଞ୍ଚ ଏବଂ ଡାକ୍ତର ସଂଘ। ଗତ ମାସ ୩୧ ତାରିଖ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଚିକିତ୍ସା ଅବହେଳା ରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସଂପୃକ୍ତ ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କ ଗିରଫ ଦାବି କରିଛି ବିକାଶ ମଞ୍ଚ। ୨୪ ଘଣ୍ଟା ମଧ୍ୟରେ ସଂପୃକ୍ତ ଡକ୍ଟର ଏବଂ ନର୍ସ ଙ୍କୁ କରିବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆନ୍ଦୋଳନକୁ ଜୋରଦାର କରାଯାଉଛି ବିକାଶ ମଞ୍ଚ। ସେପଟେ ଡିୟୁଟି ରେ ଥିବା ବେଳେ ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କୁ ମୃତ ପ୍ରସୂତି ମହିଳାଙ୍କ ସମ୍ପର୍କୀୟ ମାନେ ମାଡ ମାରିଥିବା ଅଭିଯୋଗ ହେବା ପରେ ଏବେ ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଡାକ୍ତର ସଂଘ ଏବଂ ନୟାଗଡ଼ ବିକାଶ ମଞ୍ଚ। ଚିକିତ୍ସାରେ ଅବହେଳା ପାଇଁ ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଛି। କିନ୍ତୁ ଘଟଣା ଦିନ ରାତିରେ ଥିବା ନର୍ସ ଓ ଆଟେଣ୍ଡା□ ଏବଂ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କ ଗିରଫ ପାଇଁ ଦାବି କରିଛି ବିକାଶ ମଞ୍ଚ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ସଂଗଠନ ପକ୍ଷରୁ ଉପ ଜିଲ୍ଲାପାଳଙ୍କୁ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଚାଲିଛି ମନମୁଖୀ ଶାସନ, ଚିକିତ୍ସା ପାଇଁ ଆସୁଥିବା ରୋଗୀ ମାନଙ୍କୁ ଡାକ୍ତର ଓ ନର୍ସ ମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି। ଡେଲିଭରି ପାଇଁ ୩୦ ହଜାର ଟଙ୍କା ଦାବି କରାଯାଉଛି। ନ ଦେଲେ ଚିକିତ୍ସାରେ ଅବହେଳା କରି ମାରି ଦିଆଯାଉଛି। ଡ୍ୟୁଟି ସମୟରେ ଡାକ୍ତର ମାନେ ଠିକ୍ରେ ସେବା ନ ଯୋଗାଇ ଘରୋଇ କ୍ଲିନିକ୍କୁ ଯାଉଛନ୍ତି। ଏହାର ପରିଣାମ ସ୍ୱରୁପ ଗତ ୩୧ ତାରିଖରେ ବାଲୁଗାଁର ସଞ୍ଜୟ ନାୟକଙ୍କ ସ୍ତ୍ରୀ ମମତା ସ୍ୱାଇଁ ପ୍ରସବ ପାଇଁ ଆସି ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ବରଣ କରିବା ଘଟଣା। ୩୦ ହଜାର ଟଙ୍କା ନଦେବାରୁ ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁ ମମତାଙ୍କୁ ଚିକିତ୍ସା ନ କରି ମାରିଦେଇଥିବା ଅଭିଯୋଗ ହୋଇଛି। ଏତେ ବଡ଼ ଘଟଣା ପରେ ବି ଏହି ଡାକ୍ତର ଓ ନର୍ସଙ୍କୁ କାହିଁକି ଗିରଫ କରାଯାଉ ନାହିଁ ବୋଲି ସଂଗଠନ ପ୍ରଶ୍ନ ଉଠାଇଛି। ଏହାସହ ମେଡିକାଲ ରେ କାର୍ଯ୍ୟରତ ଡାକ୍ତର ଓ ନର୍ସ ମାନେ ୟୁନିଫର୍ମରେ ଉପସ୍ଥିତ ରହି ରୋଗୀଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସେବା ପ୍ରଦାନ କରନ୍ତୁ। କାର୍ଯ୍ୟ ଦିବସରେ ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସଂଗଠନ ଦାବି କରିଛି। ପୋଷ୍ଟବଟମ୍ ରିପୋର୍ଟ ରେ ପ୍ରସୂତି ମହିଳା ଙ୍କୁ ଚିକିତ୍ସା ରେ ଅବହେଳା ର ପ୍ରମାଣ ମିଳିଛି। ଏଫାୟାର ପରେ ମଧ୍ୟ ଟାଉନ ଥାନା ପୋଲିସ କାହିଁକି ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଗିରଫ କରୁନାହିଁ ବୋଲି ପ୍ରଶ୍ନ କରିଛି ନୟାଗଡ଼ ବିକାଶ ମଞ୍ଚ। ସେପଟେ ଡାକ୍ତର ସଂଘ ପକ୍ଷରୁ ଦାବି କରାଯାଇଛି ଘଟଣା ଦିନ କିଛି ଦୁର୍ବୃତ୍ତ ମେଡିକାଲ ପଶି କର୍ତ୍ତବ୍ୟରତ ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କୁ ମାଡ ମାରିଛନ୍ତି। ଏହା ଆଇନ୍ ଗତ ଅପରାଧୟ ଅଭିଯୁକ୍ତ ମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯାଉ। ଡାକ୍ତରଙ୍କ ସୁରକ୍ଷା ନେଇ ସଂଘ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣା ଦେଇ ଆନ୍ଦୋଳନ କୁ ଓହ୍ଲାଇଛନ୍ତି। ଏଥିରେ ସାମିଲ ହୋଇଛନ୍ତି ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସମସ୍ତ ଡାକ୍ତର। ସେମାନେ ଅଭିଯୋଗ କରିଛନ୍ତି ତରବରିଆ ଭାବେ ତଦନ୍ତ ନ କରି ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କୁ ଚାକିରୀ ରୁ ନିଲମ୍ବନ କରାଯାଇଛି। ସଠିକ୍ ତଦନ୍ତ ସହ ଗାଇନିଙ୍ଗ୍ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କୁ ମାଡ଼ ମାରିଥିବା ଅପରାଧୀ ଙ୍କୁ ଗିରଫ କରାଯାଉ। ଘଟଣା ସ୍ଥଳରେ ନୟାଗଡ଼ ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର ପହଞ୍ଚି ସମସ୍ତ ଡାକ୍ତର ମାନଙ୍କ ସହ ଆଲୋଚନା କରିଛନ୍ତି। ପଞ୍ଚ ଦିନ ସୁଦ୍ଧା ସମସ୍ତ ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ଡାକ୍ତରଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ଯଦି ପୁଲିସ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରେ, ତେବେ ପାଞ୍ଚ ଦିନ ପରେ ପୁଣି ଥରେ ଓପିଡି କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଡାକ୍ତରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସେପଟେ ନୟାଗଡ଼ ଉପ ଜିଲ୍ଲାପାଳ କହିଛନ୍ତି ଉଭୟ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏହାର ତଦନ୍ତ କରୁଛି। ଖୁବ୍ ଶୀଘ୍ର ଦୋଷୀଙ୍କୁ ଗିରଫ କରାଯିବ। ରୋଗୀ ସେବାରେ ବ୍ୟାଘାତ କରିବାକୁ ଦିଆଯିବ ନାହିଁ। ଉଭୟ ପକ୍ଷର ଅଭିଯୋଗକୁ ଭିତି କରି ଟାଉନ ଥାନା ପୁଲିସ ତଦନ୍ତ କରୁଥିବା ବେଳେ ସେପଟେ ଉଭୟ ଙ୍କ ପକ୍ଷରୁ ଗିରଫ ଦାବିରେ ବିକାଶ ମଞ୍ଚ ଓ ଡାକ୍ତର ସଂଘ ମୁହାଁ ମୁହିଁ କୁ ନେଇ ନୟାଗଡ଼ ଜନ ସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଗାଁରେ ପସି ଘର ଭାଙ୍ଗି ଧାନ ଖାଇଲେ ହାତୀପଲ ଆତଙ୍କିତ ଅଞ୍ଚଳବାସି

କେନ୍ଦୁଝର(ମହାଭାରତ):କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତଗତ କନ୍ତଲେଇ ଓ ଉଦୟଗିରି ଗାଁ ରେ ହାତୀ ଆତଙ୍କ ଚରମ ସିମାରେ ପହଞ୍ଚିଛି । କନ୍ତଲେଇ ଗାଁ ନୂଆକୁଳିଆ ମହାନ୍ତ ଙ୍କ ଘରେ ଦୁଇଟିକିଆ ହାତୀ ପଲ ପସି ଧାନ ଚାଉଳ ଏବଂ ସଞ୍ଚିତ ରଖିଥିବା ଧାନ ଗୁଳିକୁ ଖାଇବା ସହିତ ଆସବାବ ପତ୍ର ଆଜି ନଷ୍ଟ କରିଛନ୍ତି । ବିଳମ୍ବିତ ରାତ୍ରୀ ପ୍ରାୟ ଗୋଟାଏ ସମୟରେ ପରିବାର ଲୋକ ସୁଇଥିବାବେଳେ ପଲୁଆ ହାତୀ ପଲ ଗାଁ ଭିତରେ ପ୍ରବେଶ କରି ଉପଦ୍ରବ କରିଥିଲେ ତେବେ ହାତୀର ଗର୍ଜନ ସୁଣି ପରିବାର ଲୋକ ଭୟରେ ଘର କୋଣରେ ରହିଯାଇଥିଲେ। ଏଥି ସହ କନ୍ତଲେଇଗାଁ ଭିତରେ ପସି ପନି ପରିବା , ପଣଷ ଖାଇ ଫସଲ ମଧ୍ୟ ଉଜାଡି ଦେଇଥିଲେ ।ସେହିପରି ଉଦୟଗିରି ଗାଁର ରାମ ମହାନ୍ତ ଙ୍କ ଘର ଭାଙ୍ଗିବା ସହ ଧାନ,ଭାତ ଖାଇ ଆସବାବ ପତ୍ର ନଷ୍ଟ କରିଥିଲେ , ରାମଙ୍କ ସ୍ତ୍ରୀ ଗୁଡ଼ରେ ମାଟି ପଡ଼ିବାରୁ ସାମାନ୍ୟ ଆହାତ ହୋଇ ଅଳ୍ପକେ ପରିବାର ବଞ୍ଚିଯାଇଥିଲେ। ହାତୀଙ୍କୁ ନେଇ ଏକ ପ୍ରକାର ଭୟର ଆତଙ୍କିତ ବାଣ ବରଣ ମଧ୍ୟରେ ଉଦୟ ଗିରି,କନ୍ତଲେଇ ଗ୍ରାମ ବାସୀ । ଏନେଇ ବିଭାଗର ଅଧିକାରିଙ୍କୁ ଲୋକେ ଖବର ଦେବା ପରେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ ଯାହାକୁ ନେଇ ଜନ ଆନ୍ଦୋଳନ ବଢିବାରେ ଲାଗିଛି। ପରୁକ୍ଷରେ ବିଭାଗ ପକ୍ଷରୁ ଏହି ହାତୀ ପ୍ରବଣ ଅଞ୍ଚଳ ଗୁଡ଼ିକୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମି ଦିନରେ ଅଞ୍ଚଳ ବାସି ଆନ୍ଦୋଳନ କରିବାର ଚେତାବନି ଦେଇଛନ୍ତି ।



## କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପରେ ସାଂସଦଙ୍କୁ ଭେଟିଲେ ବିଜେପି କର୍ମକର୍ତ୍ତା



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସଦରମହକୁମାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ବିଜେପି ଦେଇଥିଲା ନିର୍ବାଚନ ପ୍ରତିଶ୍ରୁତିଏବଂ ଗତର୍ନିବାଚନ ମଧ୍ୟ ଜିତିଥିଲା। ତେବେ କେନ୍ଦ୍ରୀୟ ବିଦ୍ୟାଳୟ ହିନ୍ଦୋଳରେ ହେବବୋଲି କେନ୍ଦ୍ରସରକାରଙ୍କ ସ୍ୱୀକୃତି ମିଳିବାପରେ ସଦରମହକୁମାବାସି ଅତ୍ୟନ୍ତ ଉତ୍ସାହିତ ଥିଲେ। କେନ୍ଦ୍ରୀୟବିଦ୍ୟାଳୟ ନିମନ୍ତେ ସହରାଞ୍ଚଳ,ସମସ୍ତ ସରକାରୀ ଅଫିସ ଥିବା ଗମନାଗମନ ଭିତ୍ତିଭୂମି ଥିବା ଓ ସୁରକ୍ଷା ଦୃଷ୍ଟିରୁ ହିନ୍ଦୋଳ ସବଡିଭିଜନ ମୁଖ୍ୟାଳୟ ହିଁ ଉପଯୁକ୍ତ ସ୍ଥାନ ସେଥିପାଇଁ ସବୁଜ ସଂକେତ ମିଳିସାରିଥିଲା। ଏଥିପାଇଁ ହିନ୍ଦୋଳବାସି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକଙ୍କୁ କୃତଜ୍ଞତା ମଧ୍ୟ ଜଣାଇଥିଲେ। ତେବେ ଗତ ୧୬ତାରିଖ ଦିନ କେନ୍ଦ୍ରୀୟବିଦ୍ୟାଳୟ ପ୍ରତିନିଧିଦଳ ପରିଦର୍ଶନ ପାଇଁ ଆସୁଥିବା ଖବରପାଇ କିଛି କୁଚକ୍ରୀ ପ୍ରତିନିଧିଦଳଙ୍କୁ ତରବରିଆ ଭାବରେ କେବଳ ଏକ ନିର୍ଦ୍ଦିଷ୍ଟସ୍ଥାନ ଦେଖାଇବାସହ ନିକଟସ୍ଥ ଏକ ହାଇସ୍କୁଲକୁ ଭିତ୍ତିଭୂମି ପାଇଁ ୧୫ଲକ୍ଷଟଙ୍କା ସରକାରୀ ଅନୁଦାନ ରାତାରାତି ମଞ୍ଜୁର କରାଇଦେଲେ ।ଏହାକୁ ନେଇ ହିନ୍ଦୋଳ ବିଜେପିରେ ତୀବ୍ର ପ୍ରତିକ୍ରିୟା,ବିରୋଧ ଓ ବିଦ୍ରୋହ ହେବାସହ ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣ ବିକ୍ଷୋଭ ଓ ବିରୋଧ କରି ଉପଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ରମନ୍ତ୍ରୀ, ସାଂସଦ, ବିଧାୟିକା ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ ।ଯଦିଓ ହିନ୍ଦୋଳ ସଦରମହକୁମାରେ ବିଦ୍ୟାଳୟ ପ୍ରତିଷ୍ଠାପାଇଁ କେନ୍ଦ୍ରସରକାରଙ୍କ ପତ୍ର ଅନୁଯାଇ ନିର୍ଦ୍ଦେଶ ଅଛି ଏବଂସେଥିପାଇଁ ୫ଏକର ଉପଯୁକ୍ତ ଜାଗାମଧ୍ୟ ବହୁପୂର୍ବରୁ ରଖାଯାଇଥିଲା ।ତେବେ ଏଥିପାଇଁ ହିନ୍ଦୋଳର ବରିଷ୍ଠ ବିଜେପିନେତା ରାଜ୍ୟପରିଷଦ ସଭ୍ୟ ଅଜୟ ଦାସ,ନଗରସଭାପତି କୁବେର ବେହେରା, ଆଇନଜୀବୀ ଅରୁଣ ଦାସ, ତରୁଣ ସାମଲ ପ୍ରମୁଖ ଅନେକ କର୍ମୀ, ନେତା ଗତକାଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଭେଟି ଦାବିପତ୍ର ଦେଇଥିଲେ ଏବଂ ଉପଯୁକ୍ତ ନିୟମାନୁଯାୟୀ ଉପଯୁକ୍ତ ସ୍ଥାନରେ ବିଦ୍ୟାଳୟ ପ୍ରତିଷ୍ଠାହେବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ ।ତେବେ ସରକାରୀ ଚିଠି ଅନୁଯାଇ ସଦରମହକୁମାରେ ବିଦ୍ୟାଳୟ ନହେଲେ ଆଗାମୀଦିନରେ ସମସ୍ତ ରାଜନୈତିକ ଦଳ,ହିନ୍ଦୋଳ ଏନଏସି ଅଧକ୍ଷ, ଉପାଧ୍ୟାକ୍ଷା, ସମସ୍ତ ୧୬ଜଣ କାଉନସିଲର,ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ,ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକ, ରାଜନେତା, କୃଷକ, ଶ୍ରମିକ, ବ୍ୟବସାୟିକ ଅନୁଷ୍ଠାନ ପକ୍ଷରୁ ବିରୋଧ କରିବାସହ ହିନ୍ଦୋଳ ବନ୍ଦ କରାଯିବାସହ ଏଥିରେ ସାମିଲ କୁଚକ୍ରୀଙ୍କୁ ଦୃଢ଼ ଜବାବ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଦାନଗଦି:(ମହାଭାରତ): ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ନିରୋଗୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହି ଅବସରରେ, କଳିଙ୍ଗନଗର ଟାଉନସିପର ୱେଲନେସ୍ କନର୍ ବ୍ୟାନର୍ ଅଧୀନରେ ଯଏଣ୍ଟ ଡିପାର୍ଟମେଣ୍ଟାଲ୍ କାଉନସିଲ୍, ଷ୍ଟିଲ୍ ଏବଂ ମିଲ୍ସ ଏବଂ ଅକ୍ୟୁପେସନାଲ୍ ହେଲଥ ସେଣ୍ଟର୍ ଦ୍ୱାରା ଏକ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ଟାଟା ଷ୍ଟିଲ୍ କଳିଙ୍ଗନଗରର ଚିଫ୍, କୋଲ୍ଡ ରୋଲିଂ ମିଲ୍, ପ୍ରବୀଣ ଥାମ୍ପୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଗତ ସପ୍ତାହରେ ଆୟୋଜିତ 'ସର୍ବୋତ୍ତମ ଯୋଗ ଆସନ' ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।ୟ ସିକ୍ୟୁରିଟି ବିଭାଗ ମଧ୍ୟ ସେମାନଙ୍କ ଟ୍ରେନିଂ ଗ୍ରାଉଣ୍ଡରେ ପୃଥକ୍ ପୃଥକ୍ ଯୋଗ ଅଧିବେଶନ ଆୟୋଜନ କରିଥିଲା। ଏଥିରେ କମ୍ପାନୀର



କର୍ମଚାରୀ ଓ ସେମାନଙ୍କ ପରିବାର୍ବର୍ଗଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ସଂସ୍ଥାର ପ୍ରତିଶ୍ରୁତି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ୨୫୦ରୁ ଅଧିକ କର୍ମଚାରୀ ଏବଂ ସେମାନଙ୍କ ପରିବାରର୍ବର୍ଗ ଅଂଶଗ୍ରହଣ କରି, ଉତ୍ସାହର ସହିତ ଯୋଗ ଅଧିବେଶନରେ ଏକତା ଏବଂ କଲ୍ୟାଣ ଭାବନାକୁ ବାଇଥିଲେ। ସେହିଭଳି, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ୍) ପକ୍ଷରୁ ମଧ୍ୟ ପ୍ଲାଣ୍ଟ, ଏବଂ ଟାଉନସିପରେ ଆୟୋଜିତ ବିଭିନ୍ନ ଯୋଗ ଅଧିବେଶନରେ ୨୫୦ରୁ ଅଧିକ କର୍ମଚାରୀ ଏବଂ ସେମାନଙ୍କ ପରିବାର୍ବର୍ଗ ଅଂଶଗ୍ରହଣ କରିଥିଲେ।ୟଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ଏନଆଇଏନଏଲ୍ ଦ୍ୱାରା ଆୟୋଜିତ ଏପରି କାର୍ଯ୍ୟକ୍ରମ ପାଳନ ସଂସ୍ଥା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁଖସମୃଦ୍ଧି ପାଇଁ ପ୍ରତିବଦ୍ଧତାର ଏକ ପ୍ରମାଣ।

# ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟକୁ ପି.ଏମ.ଶ୍ରୀ ଯୋଜନାରେ ସାମିଲ ଦାବି



କପ୍ତିପଦା-(ମହାଭାରତ): କପ୍ତିପଦା - ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅନ୍ତର୍ଗତ ରାଣୀପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପି.ଏମ.ଶ୍ରୀ ଯୋଜନାରେ ସାମିଲ କରାଯିବାକୁ ନେଇ ଶରତ ବିକାଶ ମଞ୍ଚ ତରଫରୁ ଦାବି କରାଯାଉଛି । ସୂଚନା ଥାଉ କି - ପି.ଏମ.ଶ୍ରୀ ଯୋଜନା କେନ୍ଦ୍ର ସରକାରଙ୍କ ଏକ ଯୋଜନା, ଏହି ଯୋଜନାରେ ଭାରତର ପ୍ରାୟ ୧୪,୫୦୦ ଖଣ୍ଡ ବିଦ୍ୟାଳୟକୁ ସଶକ୍ତକରଣ କରା ଯାଇ କେନ୍ଦ୍ରୀୟ ଅନୁଦାନରେ ବିଦ୍ୟାଳୟର ଭିତ୍ତିଭୂମିକୁ ଉନ୍ନତିକରଣ କରାଯିବ।

ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନ(ଉଚ୍ଚ ବିଦ୍ୟାଳୟ) ଗୁଡିକୁ ଏହି ଯୋଜନାରେ ସାମିଲ କରିବା ନିମନ୍ତେ ୨୦୨୪ ମସିହାରେ ଓଡ଼ିଶା ରାଜ୍ୟ ସରକାର ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ(ନୂଆଦିଲ୍ଲୀ) ଙ୍କ ମଧ୍ୟରେ ମେମୋରାଣ୍ଡମ ଅଫ ଆଣ୍ଡାରଷ୍ଟାଣ୍ଡିଂ(ଚୁକ୍ତି) ସ୍ୱାକ୍ଷରିତ ହୋଇଛି। ଏହି କ୍ରମରେ ଓଡ଼ିଶାର ସମସ୍ତ ୩୦ ଗୋଟି ଜିଲ୍ଲାର ପ୍ରତିଟି ବ୍ଲକରୁ ୨ ଗୋଟି କରି ଉଚ୍ଚ ବିଦ୍ୟାଳୟକୁ ବିଚାରକୁ ନିଆଯାଇ ଯାଇ ଏହି ଯୋଜନାରେ ଅନ୍ତର୍ଭୂକ୍ତ କରାଯାଉଛି। ତେବେ କପ୍ତିପଦା ବ୍ଲକର ରାଣୀପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୂକ୍ତ କରିବା ନିମନ୍ତେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ପିଏମଶ୍ରୀ ଯୋଜନାରେ ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟ ସାମିଲ ହୋଇ ପାରିଲେ ରାଣୀପୋଖରୀ ଗ୍ରାମ ତଥା ଶରତ ଅ□ଳର ଗରୀବ ଆଦିବାସୀ ଛାତ୍ରଛାତ୍ରୀମାନେ ଏଥିରେ ଉତ୍ତତ ମାନରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇ ପାରିବେ କାରଣ ଉକ୍ତ ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇ ପାରିଲେ ବିଦ୍ୟାଳୟରେ ସି.ବି.ଏସ.ଇ ପାଠ୍ୟ ଖସଡାରେ ପାଠ ପଢାଯିବା ପାଇଁ ସୁଯୋଗ ସୃଷ୍ଟି ହେବା ସହିତ ବିଦ୍ୟାଳୟରେ +୨ ବିଜ୍ଞାନ ବିଭାଗ ମଧ୍ୟ ଖୋଲା ଯିବ । ବର୍ତମାନ , ଏହି ବିଦ୍ୟାଳୟରେ ସର୍ବମୋଟ ୨୭୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ବୃକ୍ଷ ରୋପଣ ତଥା ପରିବେଶ ସୁରକ୍ଷା ଦିଗରେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକମାନେ ଅନେକ ସମୟରେ ଶରତ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରି ଥିବାରୁ ଉକ୍ତ ବିଦ୍ୟାଳୟକୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ଜୁନ ମାସ ୫ ତାରିଖ ଦିନ ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟ କପ୍ତିପଦା ବ୍ଲକର ଏକମାତ୍ର ମାତ୍ର ଅନୁଷ୍ଠାନ ଭାବେ ମନୋନୀତ ହୋଇ ଭୁବନେଶ୍ୱରରେ ଆୟୋଜିତ ହୋଇ ଥିବା ରାଜ୍ୟ ସ୍ତରୀୟ ବିଶ୍ ପରିବେଶ ଦିବସ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ସମ୍ମାନିତ ହେବା ସହିତ ମାନପତ୍ର ଗ୍ରହଣ କରିଥିଲା । ଗତ ମାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭଲ ମାର୍କ ରଖି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ବିଦ୍ୟାଳୟରେ ୧୬ ଜଣ ଟିଚିଂ ଷ୍ଟାଫ ନିଯୁକ୍ତ ହୋଇ ଥିବା ବେଳେ ଆଉ ୮ ଜଣ ନନଟିଚିଂ ଷ୍ଟାଫ ନିଯୁକ୍ତ ହୋଇଛନ୍ତି। ବିଦ୍ୟାଳୟରେ ମଧ୍ୟ ସମସ୍ତ ପ୍ରକାର ଭିତ୍ତି ଭୂମି ରହିଛି। ବିଶେଷ ଭାବେ, ସରକାରୀ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଏହି ପି.ଏମ.ଶ୍ରୀ ଯୋଜନା ଜାତୀୟ ନୂଆ ଶିକ୍ଷା ନୀତି -୨୦୨୦କୁ କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ କାରଣ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢିବାର ସୁଯୋଗ ସୃଷ୍ଟି ହେବ।

## ଇରାନରେ ଶକ୍ତିଶାଳୀ ଭୂମିକମ୍ପ

ନୂଆଦିଲ୍ଲୀ : ଇସ୍ରାଏଲ ସହିତ ଯୁଦ୍ଧ ମଧ୍ୟରେ ଇରାନର ଯୁଦ୍ଧଗ୍ରସ୍ତ ସେମନାନରେ ଭୂମିକମ୍ପର ପ୍ରବଳ ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୧ ରେକର୍ଡ କରାଯାଇଛି । ୫.୧ ତୀବ୍ରତାର ଏହି ଭୂମିକମ୍ପ ଚିନ୍ତାର ବିଷୟ ପାଲଟିଛି କାରଣ ଇସ୍ରାଏଲ ଏହି ଅ*ଳ ଉପରେ ମିସାଇଲ୍ ଆକ୍ରମଣ କରୁଛି । ଭୂମିକମ୍ପ ଯୋଗୁଁ କୌଣସି କ୍ଷତି ହୋଇଥିବାର ରିପୋର୍ଟ ନାହିଁ । ଏକ ରିପୋର୍ଟ ଅନୁଯାୟୀ, ୧୦ କିଲୋମିଟର ଗଭୀରତା ବିଶିଷ୍ଟ ଏହି ଭୂମିକମ୍ପ ଚିନ୍ତାର କାରଣ ହୋଇଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି କିମ୍ବା ମୃତାହତର ରିପୋର୍ଟ ନାହିଁ । ଭୂମିକମ୍ପଟି ତେହେରାନ ନିକଟବ□ୀ ସେମନାନରୁ ପ୍ରାୟ ୩୫ କିଲୋମିଟର ଦକ୍ଷିଣ-ପଶ୍ଚିମରେ କେନ୍ଦ୍ରୀୟ ଇରାନରେ ଅନୁଭୂତ ହୋଇଥିଲା । ଏହି ଭୂମିକମ୍ପ ଯୁଦ୍ଧଗ୍ରସ୍ତ ଅ*ଳର ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । କୁହାଯାଏ ଯେ ଇରାନୀ ସେନା ଦ୍ୱାରା ପରିଚାଳିତ ସେମନାନ୍ ସ୍ପେସ୍ ସେ[ର୍ ଏବଂ ସେମନାନ୍ ମିସାଇଲ୍ କମ୍ପ୍ଲେକ୍ସ ସେମନାନରେ ଅବସ୍ଥିତ । ଏହି ଅ*ଳରେ ଭୂମିକମ୍ପ କମ୍ପନ ଅନୁଭୂତ ହୋଇଥିଲା । ଇସ୍ରାଏଲ ମଧ୍ୟ ଏହି ଅ*ଳକୁ ମିସାଇଲ୍ ଦ୍ୱାରା ଆକ୍ରମଣ କରୁଛି । ଲୋକମାନେ ଯୁଦ୍ଧ ଏବଂ ଭୂମିକମ୍ପର ଭୟରେ ରହୁଛନ୍ତି । ପ୍ରକୃତରେ ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ଲଗାତାର ମିସାଇଲ୍ ଦ୍ୱାରା ଆକ୍ରମଣ କରୁଛନ୍ତି । ଇସ୍ରାଏଲୀ ଆକ୍ରମଣରେ ଏପର୍ଯ୍ୟନ୍ତ ଇରାନରେ ଛଅ ଶହରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଆଜି ରାତିରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଆକ୍ରମଣ ଜାରି ରହିଛି । ଆପଣଙ୍କୁ କହି ରଖୁଛୁ ଯେ ଇରାନ ଏକ ଭୂମିକମ୍ପ ପ୍ରବଣ ଅ*ଳ । ଏହି ଦେଶ ଆଲପାଇନ୍-ହିମାଳୟ ଭୂକମ୍ପ ବଳୟରେ ଅବସ୍ଥିତ । ଏହାର ଜଟିଳ ଭୂକମ୍ପୀୟ ପରିବେଶ ଯୋଗୁଁ ଭୂକମ୍ପ ଘଟଣା ସାଧାରଣ ରହିଛି । ଇରାନରେ ସାଧାରଣତଃ ପ୍ରତିବର୍ଷ ୨,୧୦୦ ଭୂମିକମ୍ପ ଅନୁଭୂତ ହୁଏ । ଏଥି ସହ ଇରାନ ପରେ ଶନିବାର ଅର୍ଥାତ୍ ଆଜି ସକାଳେ ତାଜିକିସ୍ତାନରେ ମଧ୍ୟ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ସୂଚନା ଅନୁଯାୟୀ, ତାଜିକିସ୍ତାନର ରାଜଧାନୀ ଦୁଶାନବେରେ ମଧ୍ୟ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ନ୍ୟାସନାଲ ସେ[ର ଫର୍ ସିସମୋଲୋଜି ଅନୁଯାୟୀ, ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୦ ରେକର୍ଡ କରାଯାଇଛି । ଏହା ୧୪୦ କିଲୋମିଟର ଗଭୀରତାରେ ଅବସ୍ଥିତ । ଭୂମିକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତିର ରିପୋର୍ଟ ନାହିଁ ।

## ଏୟାର ଇଣ୍ଡିଆ ପରେ ଇଣ୍ଡିଗୋ

ବେଙ୍ଗାଲୁର : ପୁଣି ବଡ଼ ଦୁର୍ଘଟଣାରୁ ଅଳ୍ପକେ ବ□ିଛି ବିମାନ । ଏୟାର ଇଣ୍ଡିଆ ପରେ ଇଣ୍ଡିଗୋ ବିମାନ ଦୁର୍ଘଟଣା ହେଉ ହେଉ ବ□ି ଯାଇଛି । ଗୁଆହାଟୀରୁ ଚେନ୍ନାଇ ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ (ଫ୍ଲାଇଟ ନମ୍ବର ୬ର-୬୭୬୪)ର ହଠାତ୍? ଅଧା ଆକାଶରେ ଇନ୍ଧନ ସରିଯାଇଥିଲା । ଯାହାପରେ ବିମାନଟିକୁ ବେଙ୍ଗାଲୁରୁର କେମ୍ପେଗୌଡ଼ା ଆନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି । ଏହି ବିମାନରେ ପ୍ରାୟ ୧୬୮ ଜଣ ଯାତ୍ରୀ ଥିଲେ । ସୂଚନା ଅନୁଯାୟୀ, ବିମାନର ପାଇଲଟ ଇନ୍ଧନ ସ୍ତର ଅତ୍ୟନ୍ତ କମ ହେବା ଯୋଗୁଁ 'ମେଡେ' (ଜରୁରୀ ସଙ୍କେତ) କଲ ଜାରି କରିଥିଲେ । ବିମାନଟି ଗୁଆହାଟୀରୁ ସଂଧ୍ୟା ୪:୪୦ରେ ଉଡ଼ାଣ କରି ଚେନ୍ନାଇରେ ରାତି ୭:୪୫ ସମୟରେ ଅବତରଣ କରିବାର ଥିଲା । କିନ୍ତୁ ଚେନ୍ନାଇ ବିମାନବନ୍ଦରରେ ଅବତରଣ ପୂର୍ବରୁ ଏକ ଅସ୍ଥିର ପହ* (ଙ୍କଭସ୍ୱସ୍ୱବଭସକ୍ଷସସ୍ୱରୟ ବକ୍ଷୁକ୍ଷୁକ୍ଷ୍ୱକ୍ଷୁବମଷ) ଯୋଗୁଁ ପାଇଲଟ ଲ୍ୟାଣ୍ଡିଂ ପରିତ୍ୟାଗ କରି 'ଗୋ ଆରାଉଣ୍ଡ' ନିଷ୍ପ□ି ନେଇଥିଲେ । ଏହା ପରେ ବିମାନରେ ଆବଶ୍ୟକ ମାତ୍ରାରୁ କମ ଇନ୍ଧନ ଥିବା ଜଣାପଡ଼ିଥିଲା । ବେଙ୍ଗାଲୁରୁ ବିମାନବନ୍ଦରଠାରୁ ପ୍ରାୟ ୩୫ ମାଇଲ ଦୂରରେ ଥାଇ ପାଇଲଟ ମେଡେ କଲ ଜାରି କରିଥିଲେ । ଇଣ୍ଡିଗୋ ଏୟାରଲାଇନ୍ସ ଦାବି କରିଛି ଯେ ଚେନ୍ନାଇ ବିମାନବନ୍ଦରରେ ଟ୍ରାଫିକ ଜନିତ ସମସ୍ୟା ଯୋଗୁଁ ବିମାନଟି ବେଙ୍ଗାଲୁରୁକୁ ଡାଇଭର୍ଟ କରାଯାଇଥିଲା । କିନ୍ତୁ ଚେନ୍ନାଇ ଏୟାର ଟ୍ରାଫିକ କ[ୋଲ (ଇଞ୍ଚଉ) ଏହି ଦାବିକୁ ଖଣ୍ଡନ କରିଛି । ସୂତ୍ରରୁ ଜଣାପଡ଼ିଛି ଯେ ବିମାନରେ ବିକଳ୍ପ ବିମାନବନ୍ଦରକୁ ଯିବା ପାଇଁ ଆବଶ୍ୟକ ନ୍ୟୁନତମ ଇନ୍ଧନ ମଧ୍ୟ ନ ଥିଲା । ବେଙ୍ଗାଲୁରୁରେ ସୁରକ୍ଷିତ ଅବତରଣ ପରେ ବିମାନଟିରେ ଇନ୍ଧନ ପୂରଣ କରାଯାଇଥିଲା ଏବଂ ଏହା କିଛି ବିଳମ୍ବ ପରେ ଚେନ୍ନାଇ ଅଭିମୁଖେ ଯାତ୍ରା କରିବାର ଥିଲା । ଯାତ୍ରୀମାନେ ଏହି ଘଟଣାରେ ଭୟଭୀତ ହୋଇଥିଲେ, କିନ୍ତୁ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି । ଏହି ଘଟଣା ବିମାନ ଚଳାଚଳରେ ଇନ୍ଧନ ପରିଚାଳନା ଏବଂ ସୁରକ୍ଷା ପ୍ରୋଟୋକଲର ଗୁରୁତ୍ୱକୁ ପୁନର୍ବାର ଆଲୋକପାତ କରିଛି । ନିୟନ୍ତ୍ରଣ କ□ୃପକ୍ଷ ଏହି ଘଟଣାର ତଦନ୍ତ କରିବେ ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିପାରନ୍ତି ।

# ଅଚାନକ ଥରିଲା ଇରାନ, କଲା ପରମାଣୁ ଟେଷ୍ଟ !



ତେହେରାନ : ଇରାନରେ ଶୁକ୍ରବାର ଏକ ୫.୧ ମାତ୍ରାର ଭୂମିକମ୍ପ ଅନୁଭୂତ ହୋଇଛି, ଯାହାର କେନ୍ଦ୍ରସ୍ଥଳ ଥିଲା ସେମନାନ ପ୍ରଦେଶ, ରାଜଧାନୀ ତେହେରାନଠାରୁ ପ୍ରାୟ ୧୪୫ ମାଇଲ ପୂର୍ବରେ । ଏହି ଭୂମିକମ୍ପ ରାତି ୯:୧୯ ସମୟରେ ଅନୁଭୂତ ହୋଇଥିଲା ଏବଂ ଏହାର ଗଭୀରତା ଥିଲା ୧୦ କିଲୋମିଟର (୬.୨ ମାଇଲ) । ଏହି ଘଟଣା ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଉ□େଜନା ମଧ୍ୟରେ ଘଟିଛି, ଯାହା ଅ*ଳରେ ଆତଙ୍କ ସୃଷ୍ଟି କରିଛି । କିଛି ବିଶେଷଜ୍ଞ ଏବଂ ପଶ୍ଚିମୀ ଗୁଇନ୍ଦା ସଂସ୍ଥାମାନେ ଅନୁମାନ କରୁଛନ୍ତି ଯେ ଏହି ଭୂମିକମ୍ପ ଏକ ଗୁପ୍ତ ପରମାଣୁ ପରୀକ୍ଷା ଯୋଗୁଁ ହୋଇଥାଇପାରେ । ସେମନାନ ପ୍ରଦେଶରେ ଇରାନର ସେମନାନ ମିସାଇଲ କମ୍ପ୍ଲେକ୍ସ ଏବଂ ମିସାଇଲ ସେ[ର ରହିଛି, ଯାହା ଏହି ଅନୁମାନକୁ ଆହୁରି ବଳବ□ର କରୁଛି । ଏକ ଏକ୍ସ ପୋଷ୍ଟରେ ଦାବି କରାଯାଇଛି ଯେ ଏହି ଭୂମିକମ୍ପ ଇରାନର ନିଜ ଅ*ଳରେ ପରମାଣୁ ଅସ୍ତ୍ର ପରୀକ୍ଷା ଯୋଗୁଁ ହୋଇଥାଇପାରେ । ଲୁଚି ଲୁଚି ଗୁପ୍ତରେ ପରମାଣୁ ଟେଷ୍ଟ କରିଦେଇଛି ଇରାନ । ଏମିତି ଚର୍ଚ୍ଚା ଏବେ ସାରା ବିଶ୍ୱରେ ଲାଗି ରହିଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଲାଗି ରହିଥିବା ବେଳେ ଗୁପ୍ତରେ ନ୍ୟୁକ୍ଲିୟର ଟେଷ୍ଟ କରିଥିବା ନେଇ ଚର୍ଚ୍ଚା ହେଉଛି । କାରଣ ଗତକାଲି ରାତିରେ ଇରାନରେ ଶକ୍ତିଶାଳୀ ଭୂକମ୍ପ ଝଟ୍କା ଅନୁଭୂତ ହୋଇଥିଲା । ଆଉ ଏହା ପରେ ପରମାଣୁ ପରୀକ୍ଷଣ କରାଯାଇଥିବା ଚର୍ଚ୍ଚା ଜୋର ଧରିଛି । ତେବେ, ଅନ୍ୟ ବିଶେଷଜ୍ଞମାନେ ଏହି ଦାବିକୁ ଖଣ୍ଡନ କରିଛନ୍ତି । ସେମନାନରେ ଏକ ସକ୍ରିୟ ଫଲ୍ଟ ଲାଇନ ନିକଟରେ ପରମାଣୁ ପରୀକ୍ଷା କରିବା ବିପଜ୍ଜନକ ହୋଇପାରେ ବୋଲି ସେମାନେ ଯୁକ୍ତି ଦେଇଛନ୍ତି, ଯାହା ପରମାଣୁ ସମର୍ଥ ରାଷ୍ଟ୍ରମାନେ ସାଧାରଣତଃ ଏଡାଇ ଦିଅନ୍ତି । ସେମାନେ କହିଛନ୍ତି ଯେ ଏହା ଏକ ପ୍ରାକୃତିକ ଭୂମିକମ୍ପ ହୋଇଥାଇପାରେ ।

ଏହି ଭୂମିକମ୍ପ ଇରାନର ଫୋର୍ଡୋ ପରମାଣୁ ସମୃଦ୍ଧିକରଣ କେନ୍ଦ୍ର ନିକଟରେ ହୋଇଥିବାରୁ, ଯାହା ପର୍ବତ ତଳେ ନିର୍ମିତ, ଏହା ଆହୁରି ଚର୍ଚ୍ଚାର ବିଷୟ ହୋଇଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଏବଂ ଇସ୍ରାଏଲ ଇତିମଧ୍ୟେ ଇରାନର ନାଟାନଜ, ଆରାକ ଏବଂ ଇସଫାହାନରେ ଥିବା ପରମାଣୁ ସ୍ଥାନଗୁଡିକୁ ଆକ୍ରମଣ କରିଛି । ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚି କହିଛନ୍ତି ଯେ ଇସ୍ରାଏଲର ଆକ୍ରମଣ ବନ୍ଦ ନହେବା ପର୍ଯ୍ୟନ୍ତ କୌଣସି ପରମାଣୁ ଆଲୋଚନା ହେବ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ ଇରାନର ପରମାଣୁ ଜ୍ଞାନକୌଶଳକୁ ବୋମା ମାରି ନଷ୍ଟ କରାଯାଇପାରିବ ନାହିଁ । ଏହି ଘଟଣା ମଧ୍ୟ ପୂର୍ବରେ ରାଜନୈତିକ ଏବଂ ସାମରିକ ଉ□େଜନାକୁ ଆହୁରି ବୃଦ୍ଧି କରିଛି । ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଇରାନ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବା ନେଇ ନିଷ୍ପ□ି ନେବେ ବୋଲି କହିଛନ୍ତି । ସେପଟେ ଇରାନ୍-ଇସ୍ରାଏଲ ମଧ୍ୟରେ ଭୟଙ୍କର ଯୁଦ୍ଧ ଚାଲିଥିବାବେଳେ, ଗୁରୁବାର ରାତିରେ ଅଚାନକ ହମ୍ଲା କରି ଇସ୍ରାଏଲକୁ ଚମକାଇ ଦେଇଛି ଇରାନ୍ । ଏମିତି ଏକ ଆକ୍ରମଣ ଯାହାକୁ ଇସ୍ରାଏଲ୍‌ର ସୁରକ୍ଷା କବଚ ଆଇରନ୍ ଡୋମ୍ ମଧ୍ୟ ରୋକିପାରିଲାନି । ଇସ୍ରାଏଲ ଅଭିଯୋଗ କରିଛି, ଇରାନ୍ ଏହି ଆକ୍ରମଣ ପାଇଁ ବ୍ୟବହାର କରିଛି କ୍ଲଷ୍ଟର ବୋମା । କ୍ଲଷ୍ଟର ବୋମା ଏମିତି ବୋମା ଯାହାକୁ ବିଶ୍ୱର ୧୨୩ଟି ଦେଶ ବ୍ୟାନ୍ କରିଛନ୍ତି । ଏମିତି ବୋମା ଯାହାକି ଭୟଙ୍କର ଯୁଦ୍ଧ ସମୟରେ ମଧ୍ୟ ବ୍ୟବହାର ଉପରେ ଲଗାଯାଇଛି କଟକଣା । ତେଣୁ ସତରେ ଯଦି ଇରାନ୍ ଏହି ବୋମାର ବ୍ୟବହାର କରିଛି, ତାହେଲେ ଆଗକୁ ଯୁଦ୍ଧ କେଉଁ ମୋଡ଼ ତାହା ଆକଳନ କରିବା ମୁସ୍କିଲ । କ୍ଲଷ୍ଟର ବୋମା ଏମିତି ଏକ ବୋମା ଯାହା ଗୋଟିଏ ମିସାଇଲରେ ହିଁ ଟାର୍ଗେଟ ଇଲାକାକୁ ଛଡ଼ାଯାଇଥାଏ । ଇରାନ ଆକ୍ରମଣରେ ଜନବସତି ଇଲାକାରେ କ୍ଷୟକ୍ଷତି ହୋଇଥିବା ଅଭିଯୋଗ କରିଛି ଇସ୍ରାଏଲ । ଜାଣିଶୁଣି ହସ୍ପିଟାଲ ସମେତ ଜନବସତି ଇଲାକାକୁ ଟାର୍ଗେଟ କରାଯାଇଥିବା ଆଇଡିଏଫ୍ କହିଛି । ଇରାନର ଆକ୍ରମଣ ଫଳରେ ଇସ୍ରାଏଲର ବଡ଼ ବଡ଼ ବିଲଡିଂରେ କ୍ଷୟକ୍ଷତି ହୋଇଛି । କେତେ ମୃତାହତ ହୋଇଛନ୍ତି, ସେନେଇ ଇସ୍ରାଏଲ କିଛି ସ୍ପଷ୍ଟ ସୂଚନା ଦେଇନଥିଲେ ବି ଯେଉଁ ଭିଡିଓ ସାମ୍ନାକୁ ଆସିଛି, ସେଥିରେ ବହୁତ ବଡ଼ ଧରଣର କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି ।

## ପାକିସ୍ତାନରେ ହିନ୍ଦୁ ଝିଅମାନଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ, ପ୍ରତିବାଦ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ପୋଲିସ



ନୂଆଦିଲ୍ଲୀ : ପାକିସ୍ତାନ ପୋଲିସ ଶୁକ୍ରବାର ଅର୍ଥାତ୍ ଜୁନ୍ ୨୦ରେ ଗିରଫ କରିଥିବା ୩ଜଣ ହିନ୍ଦୁ ଝିଅ ଏବଂ ସେମାନଙ୍କ ଭାଇଙ୍କୁ ମୁକ୍ତ କରିଛି । ଧର୍ମ ପରିବ□ନ କରିବାକୁ ବାଧ୍ୟ କରୁଥିବାର ଅଭିଯୋଗ ହୋଇଛି । ଯାହାକୁ ହିନ୍ଦୁ ସମ୍ପ୍ରଦାୟ ପ୍ରତିବାଦ କରୁଥିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ସୂଚନାନୁଯାୟୀ, ଅଭିଯୋଗ ଆଣିଥିବା ୧୬, ୧୯ ଏବଂ ୨୨ ବର୍ଷୀୟ ତିନି ଭଉଣୀଙ୍କ ମା' ଏବଂ ସେମାନଙ୍କର ୧୩ ବର୍ଷୀୟ ଭାଇଙ୍କ ଆବେଦନ ଉପରେ ହିନ୍ଦୁ ସମ୍ପ୍ରଦାୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେମାନେ ଦାବି କରିଥିଲେ ଯେ ସେମାନଙ୍କୁ ବଳପୂର୍ବକ ଇସଲାମ ଧର୍ମ ଗ୍ରହଣ କରାଯାଇଥିଲା । ପରିବାରର ଆବେଦନ ଉପରେ, ପୋଲିସ ଗୁରୁବାର (୧୯ ଜୁନ୍) ସନ୍ଧ୍ୟାରେ ହାଇଦ୍ରାବାଦରୁ ଚାରି ଜଣଙ୍କୁ ମୁକ୍ତ କରିଥିଲା । ଏପଟେ ସେମାନେ ନିଜ ଇଚ୍ଛାରେ ବୁଧବାର ଦିନ କାହାକୁ କିଛି ନକହି ସକାଳୁ ଘରୁ ବାହାରିଥିଲେ । କିଛି ସମୟ ପରେ ସେ ସେମାନେ ନିଜ ଇଚ୍ଛାରେ ଅନ୍ୟ ଧର୍ମ ପରିବ□ନ କରିଥିବାର ଏକ ଭିଡିଓ ସାମ୍ନାକୁ ଆସିଥିଲା ବୋଲି ଜଣେ ପୋଲିସ ଅଧ୍ୟକ୍ଷ କହିଛନ୍ତି । ଏହି ଭିଡିଓଟି ସାମ୍ନାକୁ ଆସିବା ପରେ ସେମାନେ ୪ଜଣ ମିଶି ଏକ ପ୍ରେସମିଟର ଆୟୋଜନ କରିଥିଲେ । ସେଥିରେ ସେମାନେ ତାଙ୍କ ଜୀବନ ଉପରେ କ୍ଷତି ପହ*ାଇବାକୁ ଚେଷ୍ଟା କରୁଥିବାର ଅଭିଯୋଗ କରିଥିଲେ । ଆହୁରି ମଧ୍ୟ ସେଥିରେ ସେମାନେ କହିଛନ୍ତି ଯେ, ୧୩ବର୍ଷୀୟ ପୁଅ କ'ଣ ବା ଧର୍ମ ବିଷୟରେ ଜାଣେ । ଯାହା ପରେ ଆଗ୍ରହ ଦେଖାଇ ହିନ୍ଦୁ ପ*ାୟତ, କିଛି ନିର୍ବାଚିତ ନେତା ଏବଂ ପୋଲିସ କାର୍ଯ୍ୟକାରୀ କରିବାକୁ ଆଗ୍ରହ ଦେଖାଇଥିଲେ । ଏହା ସହିତ ପ*ାୟତର ମୁଖ୍ୟ କହିଛନ୍ତି ଯେ, "ଏହି ଘଟଣା କେବଳ ଏକ ପାରିବାରିକ ଦୁଃଖଦ ଘଟଣା ନୁହେଁ ବରଂ ଏକ ସାମ୍ପ୍ରଦାୟିକ ଦୁଃଖଦ ଘଟଣା । ସେ କହିଛନ୍ତି, "ଏହି ଝିଅମାନେ କେବଳ ହିନ୍ଦୁଙ୍କ ଝିଅ ନୁହଁନ୍ତି । ସେମାନେ ସିନ୍ଧର ଝିଅ ।" ଅନ୍ୟପଟେ ସେ କହିଛନ୍ତି, "ସିନ୍ଧରେ ହିନ୍ଦୁ ଝିଅ ଏବଂ ମହିଳାଙ୍କ ଅପହରଣ, ବଳପୂର୍ବକ ଧର୍ମାନ୍ତରୀକରଣ ଏବଂ ବିବାହ ସମସ୍ୟା ହିନ୍ଦୁ ସମ୍ପ୍ରଦାୟ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି । ଅପରାଧୀମାନେ କେବଳ ସେହି କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ଯେଉଁଠାରେ ପିଲାମାନେ ପ୍ରଭାବଶାଳୀ କିମ୍ବା ଧନୀ ପରିବାରର ହୋଇଥାନ୍ତି ।

## ହମାସକୁ ହମଲା ପାଇଁ ପାଣ୍ଠି ଯୋଗାଇଥିବା ଇରାନ କମାଣ୍ଡରଙ୍କୁ ମାରିଲା ଇସ୍ରାଏଲ !



ନୂଆଦିଲ୍ଲୀ : ଇରାନର ସେନାର ଆଉ ଜଣେ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରିଥିବା ନେଇ ଦାବି କରିଛି ଇସ୍ରାଏଲ । ଇରାନର ଅସ୍ତ୍ରଗାରାର ଦେଖାଶୁଣା କରୁଥିବା ବରିଷ୍ଠ କମାଣ୍ଡର ଜଣଙ୍କ ଇସ୍ରାଏଲ ପକ୍ଷରୁ ଇରାନର କ୍ୱାମ ସ୍ଥିତ ଆପାର୍ଟମେ[ରେ କରାଯାଇଥିବା ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଛନ୍ତି । ଏନେଇ ଆଜି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ସୂଚନା ଦେଇଛନ୍ତି । ତାଙ୍କ କହିବା କଥା ଯେ ନିହତ ଭେଟରାନ କମାଣ୍ଡର ଜଣଙ୍କ ହେଲେ ସୟିଦ ଇଜାଦି । ସେ କ୍ୟୁଡସ ଫୋର୍ସର ପାଲେଷ୍ଟାଇନ କ୍ରସର ନେତୃତ୍ୱ ନେଉଥିଲେ । କ୍ୟୁଡସ ଫୋର୍ସ ଗୋଟିଏ ଆରବ ମେ[ ଭାବେ ଗଠିତ ହୋଇଥିଲା । ଏହାକୁ ଆକ୍ସିସ ଅଫ ରେଜିଷ୍ଟାନ ବୋଲି କୁହାଯାଏ । ଏହି ସଂଗଠନ ଅଧୀନରେ ୧୯୮୨ ମସିହାରେ ଲେବାନନର ହେଜବୁଲ୍ଲା କାମ ଆରମ୍ଭ କରିଥିଲା । ଗାଜା ଷ୍ଟ୍ରିପରେ ଏହା ପାଲେଷ୍ଟାଇନ ଗ୍ରୁପ ହମାସକୁ ସମର୍ଥନ କରିଥାଏ । ୨୦୨୩ ଅକ୍ଟୋବର ୭ରେ ହମାସ ପକ୍ଷରୁ ଇସ୍ରାଏଲ ଉପରେ ସବୁଠାରୁ ବଡ଼ ଆକ୍ରମଣ କରାଯାଇଥିଲା । ଏହାପର ଠାରୁ ହମାସ ଓ ଇସ୍ରାଏଲ ମଧ୍ୟରେ ଲଢ଼େଇ ଜାରି ରହିଛି । କାଟଜ ଦାବି କରିଛନ୍ତି ଯେ ହମାସ ଇସ୍ରାଏଲ ଉପରେ କରିଥିବା ଅକ୍ଟୋବର ୭ ହମଲା ପାଇଁ ଇଜାଦି ଆର୍ଥିକ ସହାୟତା ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲେ । ଏବେ ତାଙ୍କୁ ନିହତ କରାଯିବା ଇସ୍ରାଏଲ ଗୁଇନ୍ଦା ସଂସ୍ଥା ଓ ଏୟାର ଫୋର୍ସ ପାଇଁ ଗୋଟିଏ ବଡ଼ ସଫଳତା । ହମାସ ଓ ଅନ୍ୟ ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ସହ ସମ୍ପର୍କ ରଖିବା ଅଭିଯୋଗରେ ଇଜାଦିଙ୍କ ଉପରେ ଆମେରିକା ଓ ବ୍ରିଟେନ କଟକଣା ଲଗାଇଛନ୍ତି ।

## ଭାରତର ଟେନ୍‌ସନ ବଢାଇଲା ଚାଇନା

ନୂଆଦିଲ୍ଲୀ : ପାକିସ୍ତାନ ୪୦ଟି ଜେ-୩୫ ଫାଇଟର ଜେଟ୍ ସହ କେଜେ-୫୦୦ ଏୟାରବୋର୍ନ ଆର୍ଲି ୱାର୍ନିଂ ଆଣ୍ଡ କ[ୋଲ ଏୟାରକ୍ରାଫ୍ଟ ଏବଂ ଏଚ୍‌କ୍ୟୁ-୧୯ ବାଲିଷ୍ଟିକ୍ ମିଶାଇଲ୍ ସିଷ୍ଟମ୍ସ କିଣିବାକୁ ଯାଉଛି ବୋଲି ସେଠାକାର ସରକାର ଚଳିତମାସରେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଭାରତରେ ହଇଚଇ ସୃଷ୍ଟି ହୋଇଛି । ଚାଇନା ପ*ମ ପିଢ଼ିର ୪୦ ଶେନ୍‌ୟାଙ୍ଗ୍ ଜେ-୩୫ ପାକିସ୍ତାନକୁ ଦେବାକୁ ଯାଉଥିବାରୁ ଭାରତୀୟ ବାୟୁସେନାର ଅନେକ ଭେଟେରାନ୍ ଚିନ୍ତା ବ୍ୟକ୍ତ କରିଛନ୍ତି । ପ୍ରକାଶିତ ରିପୋର୍ଟ ଅନୁସାରେ ଚାଇନା ପକ୍ଷରୁ ପାକିସ୍ତାନକୁ ପ୍ରଥମ ଥର ପ*ମ ପିଢ଼ିର ଅତ୍ୟାଧୁନିକ ଷ୍ଟିଲ୍‌ଥ ଫିଚର ଥିବା ଜେଟ୍ ଜେ-୩୫ ବିକ୍ରି କରାଯିବ । ଏହି ଜେଟ୍ ଶେନ୍‌ୟାଙ୍ଗ୍ ଏୟାରକ୍ରାଫ୍ଟ କର୍ପୋରେଶନ୍ ପକ୍ଷରୁ ବିକଶିତ କରାଯାଇଛି, ଯାହାକି ୨୦୨୪ରେ ଝୁହାଇ ଏୟାରଶୋ' ବେଳେ ପ୍ରଦର୍ଶନ କରାଯାଇଥିଲା ।



ଚାଇନା ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଜେ-୩୫କୁ ଆମେରିକାର ଏଫ୍-୩୫ ସହ ତୁଳନା କରିଛି । ପାକିସ୍ତାନ ନିକଟରେ ପୂର୍ବରୁ ୨୦ଟି ଚାଇନିଜ୍ ଜେ-୧୦ସି ଏବଂ ଜେଏଫ୍-୧୭ ଫାଇଟର୍ସ ରହିଥିବାବେଳେ ଚଳିତବର୍ଷ ଶେଷ ଆଡ଼କୁ ଷ୍ଟିଲ୍‌ଥ ଫାଇଟର ଜେଟ୍ ଅପରେଟିଂର ଏଲିଟ୍ କ୍ଲବ୍‌ରେ ଏହା ସାମିଲ ହେବାକୁ ଯାଉଛି । ଆଇଏଏଫ୍ ଫାଇଟର ପାଇଲଟ୍ ତଥା ପ୍ରତିରକ୍ଷା ବିଶେଷଜ୍ଞ ଗ୍ରୁପ୍ କ୍ୟାପ୍‌ଟେନ୍ (ଅବସରପ୍ରାପ୍ତ) ଅଜୟ ଅହଲୱାତ୍ ଏନେଇ କହିଛନ୍ତି, ଏହି ଘଟଣାକ୍ରମକୁ ନେଇ ବିସ୍ମିତ ହେବାର ନାହିଁ । କାରଣ ପାକିସ୍ତାନ ମନୋନୀତ ପାଇଲଟମାନେ ଚାଇନାରେ ୬ ମାସରୁ ଅଧିକ ସମୟ ଧରି ତାଲିମ ନେଉଛନ୍ତି । ପାକିସ୍ତାନୀ ବାୟୁସେନାରେ ଜେ-୩୫କୁ ସାମିଲ କରାଯିବା ପୂର୍ବରୁ ସେମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି । ଏହାର ଏଫ୍‌ସି-୩୧ ଭର୍ସନ ଜେ-୩୫ଠାରୁ ସାମାନ୍ୟ କମ ସାମର୍ଥ୍ୟ ବହନ କରିଥାଏ । କେହି ସମ୍ପୂର୍ଣ୍ଣ ଭର୍ସନ ଦେଇ ନ ଥାନ୍ତି । ତେବେ ଏହା ଭାରତ ପାଇଁ ଚିନ୍ତାଜନକ ଖବର । ସ୍ୱାଧୀନତା ପରଠୁ ପାକିସ୍ତାନଠାରୁ ଆଗରେ ରହିବା ପାଇଁ ଯୁଦ୍ଧବିମାନ କିଣିବାରେ ଆମକୁ ଅନେକ ଲଢ଼େଇ କରିବାକୁ ପଡ଼ିଛି । ସେହିପରି ଏୟାର ମାର୍ଶାଲ (ଅବସରପ୍ରାପ୍ତ) ସଞ୍ଜୀବ କପୁର ମଧ୍ୟ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରି କହିଛନ୍ତି, ଭାରତକୁ ନିଜସ୍ୱ ପ୍ଲାଟ୍‌ଫର୍ମରେ ନିର୍ମିତ ଯୁଦ୍ଧବିମାନ ଆବଶ୍ୟକ । ଆଇଏଏଫ୍‌କୁ ଏଏମ୍‌ସିଏ ସାମିଲ କରିବାପାଇଁ ଅନ୍ୟୁନ ୯ରୁ ୧୦ ବର୍ଷ ଲାଗିପାରେ । ଚାଇନାର ନୂଆ ଷ୍ଟିଲ୍‌ଥ ଫାଇଟରକୁ ଏକ 'ବ୍ଲାକ୍‌ବକ୍ସ' ରୂପେ ବିବେଚନା କରାଯାଉଛି । କାରଣ ଏହାର ସାମର୍ଥ୍ୟ ସମ୍ପର୍କରେ ବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ । ତେବେ ଏହାର ପ୍ରଦର୍ଶନକୁ ୟୁଏସ୍‌ର ଏଫ୍-୩୫ ସହ ସମତୁଲ୍ୟ ବୋଲି ମନେକରାଯାଏ । ଏପରି କି କେତେକେ ଏହାକୁ ଆମେରିକୀୟ ଜେଟ୍ ତୁଳନାରେ ଅଧିକ ତୀବ୍ରତର ବୋଲି କହୁଛନ୍ତି । ଜେ-୩୫ର ଦୁଇଟି ଭାରିଆ[ ରହିଛି । ଗୋଟିଏ ନୌସେନା ପାଇଁ ଉଦ୍ଦିଷ୍ଟ ଓ ଅନ୍ୟଟିକୁ ପାରମ୍ପରିକ ଗ୍ରାଉଣ୍ଡ-ବେସ୍‌ଡ ଅପରେଶନ୍ ଓ ଏକ୍ସପୋର୍ଟ ନିମନ୍ତେ ଡିଜାଇନ୍ କରାଯାଇଛି । ପାକିସ୍ତାନ ଦ୍ୱିତୀୟ ଭାରିଆ[ର ଜେଟ୍ ପାଇବାକୁ ଯାଉଛି । ଏଥିରେ ଥିବା ଇନ୍‌ଫ୍ରାରେଡ୍ ସର୍ଚ୍ଚ-ଆଣ୍ଡ-ଟ୍ରାକ୍ ସିଷ୍ଟମ୍ ଯୋଗୁ ଜେ-୩୫କୁ ଆମେରିକୀୟ ଏଫ୍?-୩୫ ଏବଂ ରୁଷୀୟ ଏସ୍‌ୟୁ-୫୭ ସହ ତୁଳନା କରାଯାଇଥାଏ ।

## 'ହିନ୍ଦୁସ୍ଥାନ ଜିନ୍ଦାବାଦ' ଏବଂ 'ଭାରତ ମାତା କି ଜୟ' ଧ୍ୱନିରେ କମ୍ପିଲା ଦିଲ୍ଲୀ ଏୟାରପୋର୍ଟ



ନୂଆଦିଲ୍ଲୀ : ଦିଲ୍ଲୀ ବିମାନବନ୍ଦରରେ ଗୁଞ୍ଜରିତ ହେଲା ଭାରତର ଜୟ ଜୟକାର । ଯୁଦ୍ଧଭୂମିରୁ ଫେରିଲେ ଭାରତୀୟ । ହିନ୍ଦୁସ୍ଥାନ ଜିନ୍ଦାବାଦ ଏବଂ 'ଭାରତ ମାତା କି ଜୟ' ଧ୍ୱନିରେ କମ୍ପିଲା ଏୟାରପୋର୍ଟ । ଇରାନ ଓ ଇସ୍ରାଏଲ ମଧ୍ୟରେ ଉ□େଜନା ଲାଗି ରହିଥିବା ବେଳେ ଭାରତ ନିଜ ନାଗରିକଙ୍କୁ ଫେରାଇ ଆଣିବା ପାଇଁ ଅପରେସନ୍ ସିନ୍ଧୁ ଆରମ୍ଭ କରିଛି । ଯୁଦ୍ଧ ଲଗାତାର ଭାବେ ଲାଗିରହିଥିବା ଯୋଗୁଁ, ଭାରତ ଅପରେସନ ସିନ୍ଧୁ ଅଧୀନରେ ଏହାର ନାଗରିକମାନଙ୍କୁ ଫେରାଇ ଆଣୁଛି । ତୃତୀୟ ବିମାନଟି ଇରାନରୁ ଅବତରଣ କରିଛି । ଏଥିରେ ୧୧୭ ଜଣ ଭାରତୀୟଙ୍କୁ ଫେରାଇ ଅଣାଯାଇଛି । ଏପର୍ଯ୍ୟନ୍ତ ୫୧୭ ଜଣ ଭାରତୀୟ ଫେରି ଆସିଲେଣି । ପ୍ରଥମ ବିମାନ ଜୁନ୍ ୧୯ ତାରିଖରେ ୧୧୦ ଜଣ ଛାତ୍ରଙ୍କୁ ନେଇ ଆସିଥିଲା । ଇସ୍ରାଏଲ ଏବଂ ଇରାନ ଉଭୟ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରୁଛନ୍ତି । ଏହି ସମୟରେ, ଭାରତ ଇରାନରୁ ତାର ନାଗରିକଙ୍କୁ ସୁରକ୍ଷିତ ଭାବରେ ଫେରାଇ ଆଣୁଛି । ଯୁଦ୍ଧ କ୍ଷେତ୍ର ଇରାନରୁ ତାର ନାଗରିକଙ୍କୁ ଫେରାଇ ଆଣିବା ପାଇଁ ଭାରତ ଅପରେସନ ସିନ୍ଧୁ ଆରମ୍ଭ କରିଛି । ଏହି ଅପରେସନ ଅଧୀନରେ ଏପର୍ଯ୍ୟନ୍ତ ୫୧୭ ଜଣ ଭାରତୀୟ ଫେରି ଆସିଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ୨୦୨୫ ରିପୋର୍ଟ ଅନୁଯାୟୀ, ଇରାନରେ ୧୦,୭୬୫ ଭାରତୀୟ ରହୁଛନ୍ତି । ଅପରେସନ ସିନ୍ଧୁ ଅଧୀନରେ, ଇରାନରୁ ସୁରକ୍ଷିତ ଭାରତୀୟମାନଙ୍କୁ ନେଇ ତୃତୀୟ ବିମାନ ଶନିବାର, ଜୁନ୍ ୨୧ତାରିଖରେ ଭାରତରେ ପହ*ିଛି । ତୁର୍କମେନିସ୍ତାନର ଆଶଗାବାତରୁ ୧୧୭ଜଣ ଭାରତୀୟ ନାଗରିକଙ୍କୁ ଦେଶକୁ ଫେରାଇ ଅଣାଯାଇଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଇରାନରୁ ଭାରତୀୟମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ସମ୍ପର୍କରେ ସୂଚନା ପୋଷ୍ଟ କରିଛନ୍ତି । ସେ କହିଛନ୍ତି, ତୁର୍କମେନିସ୍ତାନର ଆଶଗାବାତରୁ ଲୋକଙ୍କୁ ନେଇ ଯାଉଥିବା ବିମାନଟି ୨୧ଜୁନରେ ନୂଆଦିଲ୍ଲୀରେ ଅବତରଣ କରିଥିଲା, ଯେଉଁଥିରେ ଭାରତୀୟମାନଙ୍କୁ ଇରାନରୁ ଘରକୁ ଫେରାଇ ଆଣୁଥିଲା । ସେ ଆହୁରି ମଧ୍ୟ କହିଛନ୍ତି, ଅପରେସନ ସିନ୍ଧୁ ଅଧୀନରେ ଏପର୍ଯ୍ୟନ୍ତ ୫୧୭ ଜଣ ଭାରତୀୟ ନାଗରିକ ଇରାନରୁ ଭାରତ ଫେରିଛନ୍ତି ।

ଶୁକ୍ରବାର ବିଳମ୍ବିତ ରାତିରେ, ଆଉ ଏକ ବିମାନ ଇରାନର ମାଶହାଦରୁ ୨୯୦ ଜଣ ଭାରତୀୟ ଛାତ୍ରଙ୍କୁ ଭାରତ ଫେରାଇ ଆଣିଥିଲା । ଇରାନରୁ ଭାରତ ଫେରିଥିବା ଜଣେ ଭାରତୀୟ କହିଛନ୍ତି, "ଯେତେବେଳେ ଆକ୍ରମଣ ଆରମ୍ଭ ହୋଇଥିଲା, ଆମେ ଭାରତ ସରକାରଙ୍କ ସହିତ ଯୋଗାଯୋଗ କରିଥିଲୁ । କାର୍ଯ୍ୟାନୁଷ୍ଠାନ ଏତେ ଶୀଘ୍ର ନିଆଯାଇଥିଲା ଯେ ଆମେ ଶବ୍ଦରେ ଆମର କୃତଜ୍ଞତା ପ୍ରକାଶ କରିପାରିବୁ ନାହିଁ । 'ଅପରେସନ୍ ସିନ୍ଧୁ' ଅଧୀନରେ ଇରାନରୁ ୧୧୦ ଜଣ ଛାତ୍ରଙ୍କୁ ନେଇ ପ୍ରଥମ ବିମାନ ଗୁରୁବାର ପ୍ରତ୍ୟୁଷରେ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି । ଉର୍ମିଆ ମେଡିକାଲ୍ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ଇରାନରୁ ସଡ଼କ ପଥରେ ଆର୍ମେନିଆ ଏବଂ ତା'ପରେ ବିମାନ ଯୋଗେ ଦୋହା ଏବଂ ସେଠାରୁ ଦିଲ୍ଲୀ ଅଣାଯାଇଥିଲା । ଭାରତୀୟମାନେ ଯୁଦ୍ଧଭୂଇଁରୁ ଘର ବାହୁଡ଼ା ହେବା ପରେ ଆଖିରୁ ଝରି ଆସିଥିଲା ଖୁସିର ଲୁହ । କେହି କେହି ମାଟିକୁ ଛୁଇଁ ପ୍ରଣାମ ବି ହୋଇଥିଲେ ।

# ୪୭୧ରେ ଅଟକିଲା ଭାରତର ପ୍ରଥମ ଇନିଂସ

**ହେଡିଙ୍ଗଲେ,୨୧।୬:** ପ୍ରଥମ ଦିନରେ ଯଶସ୍ୱୀ ଜୈସୱାଲ ଓ ଶୁବମନ ଗିଲଙ୍କ ଶତକ ଓ ଦ୍ୱିତୀୟ ଦିନରେ ଋଷଭ ପନ୍ତଙ୍କ ସେ୍ୱୁରୀ ବଳରେ ଭାରତ ତା'ର ପ୍ରଥମ ଇନିଂସ ୪୭୧ ରନ କରି ଅଲଆଉଟ ହୋଇ ଯାଇଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୩୫୯ ରନ କରିଥିବା ଭାରତୀୟ ଟିମ ଆଜି ଦମଦାର ଢଙ୍ଗରେ ଇନିଂସ ଆରମ୍ଭ କରିଥିଲା।

ପ୍ରଥମ ୧୫ ଓଭରରେ ଗିଲ ଓ ପନ୍ତ ୫୩ ରନ ଯୋଡ଼ି ଇଂଲଣ୍ଡକୁ ବିପର୍ଯ୍ୟୟ ଘଟାଇବାକୁ କୌଣସି ସୁଯୋଗ ଦେଇ ନଥିଲେ। କିନ୍ତୁ ଗିଲ ୧୪୭ ଓ ପନ୍ତ ୧୩୪ ରନରେ ଆଉଟ ହେବା ପରେ ଭାରତୀୟ ବ୍ୟାଟିଂ ଲାଇନ ଅପ୍ ତାସର ଘର ଭଳି ଭୁଶୁଡ଼ି ପଡ଼ିଛି। ଏକଦା ୪୩୦ରେ ୩ଟି ୱିକେଟ ହରାଇଥିବା ଭାରତ ୪୭୧ ରନରେ ଅଲଆଉଟ ହୋଇଯାଇଛି। ଭାରତୀୟ ଟିମ ଶେଷ ୭ ୱିକେଟ ମାତ୍ର ୪୧ରନରେ ହରାଇଛି।



ପ୍ରଥମ ଦିନରେ ୧୨୭ ରନ କରିଥିବା ଗିଲ ଆଜି ଆଉ ୨୦ ରନ ଯୋଡ଼ିବା ପରେ ଶୋଏବ ବଶିରଙ୍କ ବଲରେ ଦିବସର ପ୍ରଥମ ବ୍ୟାଟର ଭାବେ ଆଉଟ ହୋଇଥିଲେ। ଏହାପରେ ୮ ବର୍ଷ ପରେ ଟେଷ୍ଟ କ୍ରିକେଟକୁ ଫେରିଥିବା କରୁଣ ନାଏର ଖାତା ଖୋଲିବା ପୂର୍ବରୁ ବେନ ଷ୍ଟୋକ୍ସଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ।

ଦମଦାର ଶତକ ଅର୍ଜନ କରିଥିବା ପନ୍ତ ୧୩୪ ରନ କରି ଜୋଶ ଟଙ୍ଗ ବଲରେ ଆଉଟ ହୋଇଥିଲେ। ଶାର୍ଦ୍ଦୁଲ ଠାକୁର (୧) ଲଞ୍ଚ ପୂର୍ବରୁ ଶେଷ ବ୍ୟାଟର ଭାବେ ଷ୍ଟୋକ୍ସଙ୍କ ଶିକାର ବନିଥିଲେ। ଲଞ୍ଚ ପରେ ରବୀନ୍ଦ୍ର ଜାଡେଜା ଇନିଂସକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ।

କିନ୍ତୁ ତାଙ୍କ ଟଙ୍ଗ ଆଉଟ କରି ଦେଇଥିଲେ। ଏହାପୂର୍ବରୁ ସେ ଯଶପ୍ରୀତ ବୁମ୍ରା (୦)ଙ୍କ ୱିକେଟ ମଧ୍ୟ ନେଇଥିଲେ। ଶେଷ ବ୍ୟାଟର ଭାବେ ଟଙ୍ଗ ୧ ରନ କରିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବୋଲ୍ଡ କରି ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଭାରତୀୟ ଟିମ ୪୭୧ ରନରେ ଅଲଆଉଟ ହୋଇଥିବା ବେଳେ ଇଂଲିଶ ଟିମ ତା'ର ଇନିଂସ ଆରମ୍ଭ କରିବ।

ଇଂଲଣ୍ଡ ପକ୍ଷରୁ ଟଙ୍ଗ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ଷ୍ଟୋକ୍ସ ୩ଟି, ବଶିର ଓ ବ୍ରେଣ୍ଡନ କାର୍ସେ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

# ମାଷ୍ଟର୍ସ କପ୍ ହକି କ୍ୱାର୍ଟରରେ ଓଡ଼ିଶା



**ଭୁବନେଶ୍ୱର,୨୧।୬ :** ତାମିଲନାଡୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପର କ୍ୱାର୍ଟରଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ନିଜର ପ୍ରଥମ ଗ୍ରୁପ୍ ମ୍ୟାଚରେ ପୁଡୁଚେରୀକୁ ହରାଇଥିବା ଓଡ଼ିଶା ଶୁକ୍ରବାର ପଞ୍ଜାବକୁ ୫-୨ରେ ହରାଇ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ଦଖଲ କରି କ୍ୱାର୍ଟରଫାଇନାଲ୍ ସ୍ଥାନ ପକ୍କା କରିଛି। ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଧରମପାଲ ସିଂହ (୧୭ ମିନିଟ୍)ଙ୍କ ଗୋଲ୍ରେ ପଞ୍ଜାବ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହା ପର ମିନିଟ୍ରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଅଧିନାୟକ ଲାଜରୁସ ବାର୍ଲା (୧୮ ମିନିଟ୍) ଗୋଲରେ ପରିଣତ କରି ୧-୧ ସ୍ତରକୁ ଆଣିଥିଲେ। ୨୨ତମ ମିନିଟରେ ରାମ ଶରଣଙ୍କ ଗୋଲରେ ପଞ୍ଜାବ ପୁଣି ଆଗୁଆ ହୋଇଥିଲା। ଏହାପରେ ଓଡ଼ିଶା ଖେଳାଳି ପଞ୍ଜାବକୁ କେଣସି ସୁଯୋଗ ନ ଦେଇ ୪ ଗୋଲ୍ ଲଦି ବିଜୟ ବାନା ଉଡ଼ାଇଥିଲେ। ଓଡ଼ିଶା ପକ୍ଷରୁ ଅନୀଲ କୁଲୁ (୩୩, ୩୭ ମିନିଟ୍) ଦୁଇଟି, ସୁନିଲ ଲାକ୍ରା (୩୦ ମିନିଟ୍) ଓ ରଜତ କୁମାର ମିଞ୍ଜ (୪୫ ମିନିଟ୍) ଏହି ୪ ଗୋଲ୍ ଦେଇଥିଲେ।

# ଆଗାମୀ ଦ୍ରାବିଡ ବନିବେ ସାଇ ସୁଦର୍ଶନ



**ହେଡିଙ୍ଗଲେ,୨୧।୬:** କ୍ରିକେଟ୍ ଜଗତରେ ରାହୁଲ ଦ୍ରାବିଡ The Wall ଭାବେ ବେଶ୍ ଜଣାଶୁଣା । ଆଉ The Wallଙ୍କ ସ୍ଥାନ ନେବାକୁ ଯାଉଛନ୍ତି ଜଣେ ଭାରତର ଉଦୀୟମାନ କ୍ରିକେଟର ବୋଲି ଭବିଷ୍ୟବାଣୀ କରିଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଲ୍ ରାଉଣ୍ଡର ମହମ୍ମଦ କୈଫ । ଭିଭିଏସ୍ ଲକ୍ଷ୍ମଣ ଏବଂ ଚେତେଶ୍ୱର ପୂଜାରାଙ୍କ ପରେ ଏବେ ଜଣେ ଯୁବ କ୍ରିକେଟରଙ୍କୁ ନେଇ ଭାରି ପ୍ରଶଂସା କରିଛନ୍ତି କୈଫ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳୁଥିବା ସାଇ ସୁଦର୍ଶନ ଦ୍ରାବିଡଙ୍କ ସ୍ଥାନ ନେବାକୁ ଯାଉଛନ୍ତି ବୋଲି ଭାରତୀୟ କିଂବଦନ୍ତୀ କ୍ରିକେଟର ମହମ୍ମଦ କୈଫ ଭବିଷ୍ୟବାଣୀ କରିଛନ୍ତି। କୈଫ କହିଛନ୍ତି, ସାଇ ସୁଦର୍ଶନ ଉଭୟ ସ୍ପିନ୍ ଓ ପେସ୍ ବୋଲିଂକୁ ଭଲ ଭାବରେ ଖେଳୁଛନ୍ତି। ଯାହା ପୂର୍ବରୁ ରାହୁଲ ଦ୍ରାବିଡ୍ କରୁଥିଲେ ଏବେ ତାହା ସାଇଙ୍କ ବ୍ୟାଟିଂ ଷ୍ଟାଇଲରେ ନଜର ଆସୁଛି। ଏବେ ସାଇ ସମ୍ପୂର୍ଣ୍ଣ ବ୍ୟାଟ୍ସମ୍ୟାନ୍ ପରି ମୋତେ ଅନୁଭବ ହେଉଛି। ଖାଲି ଏତିକି ନୁହେଁ, ଆଇପିଏଲ୍ ଭଳି ଫର୍ମାଟରେ ସାଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଚଳିତ ଆଇପିଏଲର ସମସ୍ତ ମ୍ୟାଚରେ କମ୍ ରିସ୍କରେ ପରିପକ୍ୱ ଖେଳାଳି ଭଳି ବ୍ୟାଟିଂ କରିଥିଲେ ସାଇ ସୁଦର୍ଶନ। ଏପରିକି ଏଥର ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଆଇପିଏଲରେ ଅରେଞ୍ଜ କ୍ୟାପ୍ ମଧ୍ୟ ହାସଲ କରିଛନ୍ତି ସାଇ। ମୋ ନଜରରେ ଏବେ ସାଇ ଭାରତୀୟ କ୍ରିକେଟ୍ ଟିମ୍ ପାଇଁ ଆଗାମୀ ରାହୁଲ ଦ୍ରାବିଡ୍ ହେବାକୁ ଯାଉଛନ୍ତି। ସେହିପରି କରୁଣ ନାୟାରଙ୍କ ପ୍ରଶଂସା ମଧ୍ୟ କରିଛନ୍ତି ମହମ୍ମଦ କୈଫ। ସେ କହିଛନ୍ତି କରୁଣ ନାୟାର ରଣଜୀରେ ବଡ଼ ଇନିଂସ ଖେଳିଛନ୍ତି ଏବଂ ଲଗାତାର ରନ୍ ସ୍କୋର କରି ସିଲେକ୍ଟରଙ୍କ ନଜରକୁ ଆସିଥିଲେ।

# ଛକା ମାରି ଶତକ ସହ ଧୋନିଙ୍କ ରେକର୍ଡ ଭାଙ୍ଗିଲେ ପନ୍ତ

**ହେଡିଙ୍ଗଲେ,୨୧।୬:** ଯଶସ୍ୱୀ ଜୈସୱାଲ ଓ ଶୁବମନ ଗିଲଙ୍କ ପରେ ଭାରତର ତୃତୀୟ ବ୍ୟାଟର ଭାବେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଶତକ ହାସଲ କରିଛନ୍ତି ଋଷଭ ପନ୍ତ। ଆଜି ସେ ଛକା ମାରି ଲିଡ୍ସରେ ନିଜର ଶତକ ପୂରଣ କରିବା ସହ ଭେଟରାନ ୱିକେଟ କିପର ବ୍ୟାଟର ମହେନ୍ଦ୍ର ସିଂହ ଧୋନିଙ୍କ ୧୧ ବର୍ଷ ପୁରୁଣା ରେକର୍ଡ ଭାଙ୍ଗି ଦେଇଛନ୍ତି। ଏଥିସହ ୱିକେଟ କିପର ଭାବେ ଭାରତ ପାଇଁ ସର୍ବାଧିକ ଶତକ ହାସଲ କରିବାର ରେକର୍ଡର ଅଧିକାରୀ ମଧ୍ୟ ହୋଇପାରିଛନ୍ତି।



ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ପନ୍ତଙ୍କ ବ୍ୟାଟରୁ ରେକର୍ଡ ଶତକ ବାହାରିଛି। ପ୍ରଥମ ଦିନରେ ପନ୍ତ ଅପରାଜିତ ୬୫ ରନ କରିଥିଲେ। ଆଜି ଆରମ୍ଭରୁ ସେ ଆଟାକିଂ ଶଟ ଖେଳି ବ୍ରେଣ୍ଡନ କାର୍ସେଙ୍କୁ ୨ଟି ଚୌକା ମାରିଥିଲେ। ଏହାପରେ ଶୋଏବ ବଶିରଙ୍କୁ ଗୋଟି ଚୌକା ଓ ଛକା ମାରି ନିଜ ସ୍କୋରକୁ ୯୦ରେ ପହଞ୍ଚାଇ ଦେଇଥିଲେ।

ଶେଷରେ ସେହି ବଶିରଙ୍କୁ ଡିପ ମିଡୱିକେଟ ଅଞ୍ଚଳରେ ଛକା ମାରି ଶତକ ପୂରଣ କରିଥିଲେ। ଶତକ ପରେ ତାଙ୍କର ସେଲିବ୍ରେସନ ବେଶ ନିଆରା ଥିଲା। ସେ ବ୍ୟାକ ଫ୍ଲିପ କରି ଶତକର ଖୁସି ଜାହିର କରିଥିଲେ ପନ୍ତ।

ପନ୍ତ ଶତକ ମାରିବା କ୍ଷଣି ଭାରତ ପାଇଁ ସର୍ବାଧିକ ସେଞ୍ଚୁରୀ ହାସଲ କରିଥିବା ୱିକେଟ କିପର ବନି ଯାଇଛନ୍ତି। ପୂର୍ବରୁ ଏହି ତାଲିକାର ୧ନଂ ସ୍ଥାନରେ ମହେନ୍ଦ୍ର ସିଂହ ଧୋନି ରହିଥିଲେ। ଧୋନି ତାଙ୍କର ୯୦ଟି ଟେଷ୍ଟ ମ୍ୟାଚରେ ୬ଟି ଶତକ ହାସଲ କରିଥିଲେ। କିନ୍ତୁ ପନ୍ତ ନିଜର ୪୪ତମ ମ୍ୟାଚରେ ୭ମ ଶତକ ହାସଲ କରିଛନ୍ତି।

ସେହିପରି ୱିକେଟ କିପର ଭାବେ ପୂରା ବିଶ୍ୱରେ ସର୍ବାଧିକ ଶତକ ହାସଲ କରିଥିବା କ୍ରିକେଟରଙ୍କ ତାଲିକାର ୪ର୍ଥ ସ୍ଥାନକୁ ଉଠିଛନ୍ତି ପନ୍ତ। ଏଥିସହ କୁମାର ସାଙ୍ଗାକାରା, ଏବି ଡିଭିଲିୟର୍ସ ଓ ବିଜେ ୱାଟଲିଙ୍ଗଙ୍କ ସମକକ୍ଷ ହୋଇଛନ୍ତି। ଏହି ତାଲିକାର ୧ନଂ ସ୍ଥାନରେ ଆଡାମ ଗିଲଖ୍ରୀଷ୍ଟ ୧୭ଟି ଶତକ ସହ ୧ନଂ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଆଣ୍ଡି ଫ୍ଲାୱର (୧୨) ଓ ଲେସ ଆମ୍ସ(୮) ରହିଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡରେ ଏହା ପନ୍ତଙ୍କ ତୃତୀୟ ଟେଷ୍ଟ ଶତକ। ସେ ପ୍ରଥମ ବିଦେଶୀ ୱିକେଟ କିପର ଭାବେ ଭାବେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି।

# ବ୍ରାଡମ୍ୟାନଙ୍କୁ ପଛରେ ପକାଇ ବିଶ୍ୱ ରେକର୍ଡ କଲେ ଜୈସୱାଲ

**ହେଡିଙ୍ଗଲେ,୨୧।୬:** ଭାରତୀୟ କ୍ରିକେଟ ପାଇଁ ଶୁକ୍ରବାର ବେଶ ଐତିହାସିକ ରହିଥିଲା। କାରଣ ଶୁବମନ ଗିଲଙ୍କ ଟେଷ୍ଟ ଯୁଗର ଆରମ୍ଭ ଶୁଭ ହୋଇଛି। ନିଜେ ଗିଲ ଅପରାଜିତ ୧୨୭ ରନର ଇନିଂସ ଖେଳିଥିବା ବେଳେ ଯଶସ୍ୱୀ ଜୈସୱାଲଙ୍କ ବ୍ୟାଟରୁ ମଧ୍ୟ ଶତକ ବାହାରିଛି। ସେହିପରି ଭାରତୀୟ ଟେଷ୍ଟ ଟିମର ଉପ ଅଧିନାୟକ ଋଷଭ ପନ୍ତ ମଧ୍ୟ ଦମଦାର ଇନିଂସ ଖେଳିଛନ୍ତି।

ଏହି ସବୁ ଇନିଂସ ଯୋଗୁ ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚର ପ୍ରଥମ ଦିନରେ ଭାରତ ୩ ୱିକେଟ ହରାଇ ୩୫୯ ରନ କରି ନେଇଛି। ଲିଡ୍ସରେ ପ୍ରଥମ ଦିନରେ ଏତେ ସ୍କୋର କରିବାରେ ମଧ୍ୟ ଭାରତର ନୂଆ ରେକର୍ଡ କରିଛି। ଇଂଲିଶ ମାଟିରେ ପ୍ରଥମ ଦିନରେ ଭାରତ ପୂର୍ବରୁ କେବେ ହେଲେ ବି ଏତେ ରନ କରି ନଥିଲା।



ଜୈସୱାଲ ୧୫୯ ବଲରେ ୧୦୧ ରନ କରି ଆଉଟ ହେବା ପରେ ଅଧିନାୟକ ଗିଲ ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ। ସେ ମଧ୍ୟ ପ୍ରଥମ ଦିନରେ ଅପରାଜିତ ୧୨୭ ରନ କରିଛନ୍ତି। ଜୈସୱାଲ ତାଙ୍କ ଶତକୀୟ ଇନିଂସରେ ୧୬ଟି ଚୌକା ଓ ଗୋଟିଏ ଛକା ଏବଂ ଗିଲ ଅପରାଜିତ ୧୨୭ ରନର ଇନିଂସରେ ମଧ୍ୟ ୧୬ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି।

ପନ୍ତ ଅଧିନାୟକ ଗିଲଙ୍କୁ ଭରପୂର ସାଥ ଦେଇ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ହେବା ଯାଏ ଆଉଟ ହୋଇ ନାହାନ୍ତି। ସେ ୧୦୨ ବଲରେ ୬୫ ରନର ଇନିଂସ ଖେଳିଛନ୍ତି। ଗିଲ ଓ ପନ୍ତ ୪ର୍ଥ ୱିକେଟ ପାଇଁ ଅପରାଜି ୧୩୮ ରନର ଭାଗିଦାରୀ କରିଛନ୍ତି। ଏହି ଇନିଂସ ଭିତରେ ଗିଲ ୨ ହଜାର ଓ ପନ୍ତ ୩ ହଜାର ଟେଷ୍ଟ ରନ ମାଇଲଖୁ ଅତିକ୍ରମ କରିଛନ୍ତି।

ଇଂଲିଶ କଣ୍ଡିଂସନରେ ନୂଆ ବଲରେ ଭାରତ ପାଇଁ ଭଲ ମୂଳଦୁଆ ପକାଇଥିବା ଜୈସୱାଲ ଜ' ପାନ ବରିତି ପରେ ବେନ ଷ୍ଟୋକ୍ସଙ୍କ ବଲରେ ଆଉଟ ହୋଇଥିଲେ।

# ଫାଇନ୍ ଗଣିବେ ଶୁଭମନ ଗିଲ୍

**ହେଡିଙ୍ଗଲେ,୨୧।୬:** ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଖେଳାଳି ଦମଦାର ପ୍ରଦର୍ଶନ କରିଥିଲେ। ଜୟସ୍ୱାଲ, ଗିଲ ଓ ପନ୍ତଙ୍କ ବ୍ୟାଟରୁ ଶତକ ଦେଖିବାକୁ ମିଳିଥିଲା। ଫଳରେ ଦଳ ୪୦୦ରୁ ଅଧିକ ସ୍କୋର କରି ଦୃଢ଼ ସ୍ଥିତିରେ ପହଞ୍ଚିଛି। ଗୋଟିଏ ପଟେ ଗିଲ ଅଧିନାୟକ ଭାବେ ପ୍ରଥମ ମ୍ୟାଚରେ ଚମତ୍କାର ପାଳି ଖେଳିଥିଲା ବେଳେ ଆଉ ଗୋଟିଏ ପଟେ ଏମିତି ଏକ ଭୁଲ କରିଛନ୍ତି ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଏହି ମ୍ୟାଚର ପ୍ରଥମ ଦିନରେ ଶୁବମନ କଳା ମୋଜା ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ, ଯାହାକୁ ଆଇସିସି ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯାଉଛି। ଆପଣଙ୍କୁ କହି ରଖୁଛୁ ଯେ, ଆଇସିସି ପୋଷାକ ଏବଂ ଉପକରଣ ନିୟମର ଧାରା ୧୯.୪୫ ଅନୁଯାୟୀ, ଖେଳାଳିମାନଙ୍କୁ ଟେଷ୍ଟ କ୍ରିକେଟରେ ଧଳା, କ୍ରିମ୍ କିମ୍ବା ହାଲୁକା ଧୂସର ରଙ୍ଗର ମୋଜା ପିନ୍ଧିବାକୁ ପଡିବ। କିନ୍ତୁ



ଶୁଭମନ ଗିଲ୍ କଳା ରଙ୍ଗର ମୋଜା ପିନ୍ଧି ବାହାରିଥିଲେ। ମେରିଲେବୋନ୍ କ୍ରିକେଟ୍ କ୍ଲବର ସୁପାରିଶ ପରେ ଏହି ନିୟମ ମେ' ୨୦୨୩ରୁ କାର୍ଯ୍ୟକାରୀ ହୋଇଥିଲା। ଏବେ ଏହା ମ୍ୟାଚ୍ ରେଫରି ରିଚି ରିଚର୍ଡସନଙ୍କ ଉପରେ ନିର୍ଭର କରିବ ଯେ ସେ କି ନିଷ୍ପତ୍ତି ନେବେ। ଯଦି ମ୍ୟାଚ୍ ରେଫରି ଭାବନ୍ତି ଯେ ଶୁବମନ ଜାଣିଶୁଣି ସ୍ତର-୧ ଅପରାଧ କରିଛନ୍ତି, ତେବେ ଭାରତୀୟ ଅଧିନାୟକଙ୍କୁ ଜରିମାନା ଦିଆଯାଇପାରେ, ଯାହା ୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ।

# ସାକ୍ରା ୱାର୍ଲ୍ଡ ହସ୍ପିଟାଲ୍ ୫୦୦-ଶଯ୍ୟା ପାଇଁ ଟ୍ୟାଣ୍ଡେମ୍ ହେଲ୍ଥକେୟାର୍‌କୁ ନିଯୁକ୍ତ

**ବେଙ୍ଗାଲୁର,୨୧।୬:** ବେଙ୍ଗାଲୁରୁ - ଭାରତର ପ୍ରଥମ ୧୦୦% ବିଦେଶୀ ନିବେଶ ସହିତ ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ର ସାକ୍ରା ୱାର୍ଲ୍ଡ ହସ୍ପିଟାଲ୍ ଏହାର ଦ୍ୱିତୀୟ ଅତ୍ୟାଧୁନିକ ହସ୍ପିଟାଲ୍ ଉତ୍ତର ବେଙ୍ଗାଲୁରୁରେ ଗଠନ ପାଇଁ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ରିତ EPC କମ୍ପାନୀ ଟ୍ୟାଣ୍ଡେମ୍ ହେଲ୍ଥକେୟାରକୁ ନିଯୁକ୍ତ କରିଛି। ୬.୮ ଲକ୍ଷ ଘର୍ଷଫୁଟ୍ ଜାଗାରେ ବିସ୍ତୃତ ଏହି ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ହେବ ଏକ ବୈଶିଷ୍ଟ୍ୟପୂର୍ଣ୍ଣ ଗ୍ରିନ୍ ବାୟୋଫିଲିକ୍ ହସ୍ପିଟାଲ୍ - ଯାହାରେ ଉଦ୍ୟାନ ଲାଉଞ୍ଜ, ଗ୍ରିନ୍ ବାଲକନି, ପ୍ଲାଷ୍ଟର, ଆଗମନ ଛାୟା, ଓ ହ୍ରଦ ଦୃଶ୍ୟ ଅନ୍ତର୍ଭୁକ୍ତ ରହିବ - ଏବଂ ଏହା ପ୍ରାକୃତିକ ପରିବେଶରୁ ପ୍ରେରିତ ଏକ ଚିକିତ୍ସାନୁକୂଳ ପରିବେଶ ତିଆରି କରିବ। ଏହି ପ୍ରକଳ୍ପର ମୂଲ୍ୟ ହେଉଛି ୧,୦୦୦ କୋଟି ଟଙ୍କା ଓ ଏହି ପ୍ରକଳ୍ପ ସାକ୍ରାର ସେକମ୍ ମେଡିକାଲ୍ ସିଷ୍ଟମ୍ ଏବଂ ଟୋୟୋଟା ଟୁଶୋ ସହିତ ମିଶି ଯାପାନୀ ନୂତନତମ ପ୍ରଯୁକ୍ତି ଓ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନର ଲକ୍ଷ୍ୟକୁ ସାକାର କରିବ। ଏହି ନୂଆ ସଂସ୍ଥା Mp+9 ତଳ ଅଟଳ ଥିବା ସହିତ ଇଣ୍ଡୋ-ଜାପାନୀ ଆର୍କିଟେକ୍ଚରାଲ୍ ଅଂଶକୁ ଏକତ୍ର କରି ଏକ ଆଧୁନିକ ଆକୃତି ଦେଖାଇବ। ଏହି ହସ୍ପିଟାଲ୍‌ରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ରହିବ, ଯାହା ଅନ୍ତର୍ଗତ ଅଛି: କମ୍ପ୍ରିହେନ୍ସିଭ୍ କ୍ୟାନ୍ସର୍ ଟ୍ରିଟମେ ପ୍ରୋଗ୍ରାମ୍ - LINAC, MR-LINAC, Gamma Knife, Brachytherapy, ଓ ଆଧୁନିକ ନ୍ୟୁକ୍ଲିଅର୍ ମେଡିସିନ୍ ସହିତ।

# ଜିରୋ-ସୁଗାର ମାର୍କେଟ ଥମସ ଅପ ଏକ୍ସଫୋର୍ସ ସହିତ ନୂତନ ନେତୃତ୍ୱ ପାଇଛି

**ନୂଆଦିଲ୍ଲୀ,୨୧।୬:** ଥମସ ଅପ ଏକ୍ସଫୋର୍ସ, ଯାହାକି ଭାରତର ଆଇକନିକ୍ ବିଲିୟନ-ଡ଼ଲାର ଘରୋଇ ବିକଶିତ ବ୍ରାଣ୍ଡ ଏହାର ସଦ୍ୟତମ ଉତେଜକ ବୁନ୍ଦା ଯାହାକି ଜିରୋ-ସୁଗାର ମୃଦୁପାନୀୟ ବିଭାଗରେ ସମସ୍ତଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ଯୁବବର୍ଗର ଗ୍ରାହକ ମାନଙ୍କ ପାଇଁ ଏକ ସବୁଠାରୁ ଅଧିକ ଉତେଜକାରୀ ଅଭିଜ୍ଞତା ଆଣିବା ସହିତ ସେମାନଙ୍କର ବ୍ୟବହାର ପାଇଁ ପ୍ରଦାନ କରିଛି ଏକ ଜିରୋ-ସୁଗାର ମୃଦୁପାନୀୟ। ଏହାର ଅଫିସିଆଲ ଉନ୍ମୋଚନ ହେବା ପୂର୍ବରୁ ଏକ ଲକ୍ଷରୁ ଅଧିକ ପ୍ରି-ବୁକିଙ୍ଗର ରେକର୍ଡ଼ ହୋଇପାରିଛି। ଶୁଭାରମ୍ଭକୁ ଦୃଷ୍ଟିରେ ରଖି ଥମସ ଅପ ଏକ୍ସଫୋର୍ସ ଏକ ବିରାଟ ଆଶାର ସୃଷ୍ଟିକୁ ଦୃଷ୍ଟିରେ ରଖି ଏହାକୁ ଆଗେଇ ନେଉଅଛି। ମାର୍ଚ୍ଚ ମାସରେ ଏହାର ଡ଼େବୁଟ ହେବା ସହିତ ଏହା ରେକର୍ଡ଼ ସଂଖ୍ୟକ ଅଢ଼େଇ ମିଲିୟନ ୟୁନିଟ କେସର ବିକ୍ରୟ କରିସାରିଛି ଯାହାକି ଭାରତର ଡ଼ାଇଟ୍ ଏବଂ ହାଲୁକା ମୃଦୁପାନୀୟ ବିଭାଗର ସବୁଠାରୁ ଉର୍ଦ୍ଧ୍ୱ ବିନ୍ଦୁରେ ରହିଛି।

ଏପରିକି ଏହାର ୫୦ ବର୍ଷର ଶୁଭାରମ୍ଭ ହେବା ପରଠାରୁ ଥମସ ଅପ ନିରବଚ୍ଛିନ୍ନ ଭାବରେ ନବୀକରଣର ବିଭିନ୍ନ ଦିଗ ତଥା ମାର୍କେଟିଙ୍ଗର ସମସ୍ତ ରଣନୀତିକୁ ନେଇ ଏକ ଅପ୍ରତିଦ୍ୱନ୍ଦୀ ଭାବରେ ଆଗକୁ ବଢ଼ି ଚାଲିଛି। ଥମସ ଅପ ଏକ୍ସଫୋର୍ସ ଠିକ୍ ସେହିଭଳି ସେହିମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି ଯେଉଁମାନେ କି ନିଜର ନିଜସ୍ୱ ରଣକୌଶଳକୁ ଆପଣେଇ ପ୍ରକୃତ ସେନାପତି ଭାବରେ ଜି.ଓ.ଏ.ଟି ଭାବନାକୁ ନେଇ ସବୁବେଳେ ଆଗକୁ ବଢ଼ିବାର ଲକ୍ଷ୍ୟ ରଖିଛି।

# ବେଦାନ୍ତ ପକ୍ଷରୁ ବଡ଼ବିଲର ଗ୍ରାମଗୁଡିକରେ ରଜ ଉତ୍ସବ

**ଭୁବନେଶ୍ୱର,୨୧।୬:** ବେଦାନ୍ତ ଆଇରନ୍ ଓର ଓଡ଼ିଶା (ଆଇଓଓ) ଏହାର ସେସା କର୍ମଚାରୀ ସ୍ୱେଚ୍ଛାସେବା କାର୍ଯ୍ୟକଳାପ (ସେବା)ର ତତ୍ତ୍ୱାବଧାନରେ, ନାଡ଼ିଡ଼ିହି, କେନ୍ଦୁଡିହି ଏବଂ ରେଙ୍ଗାଲବେଡା ଗ୍ରାମଗୁଡିକର ଗୋଷ୍ଠୀ ସଦସ୍ୟମାନଙ୍କ ସହିତ ସାଂସ୍କୃତିକ ଭାବରେ ଗୁରୁତ୍ୱପୂର୍ଣ୍ଣ 'ରଜ ପର୍ବ' ପାଳନ କରିଛି। ଏହି କାର୍ଯ୍ୟକ୍ରମ ଆନନ୍ଦ, ପରମ୍ପରା ଏବଂ ସଂଯୋଗର ଏକ ଦିନ ପାଇଁ ବାସିନ୍ଦାମାନଙ୍କୁ ଏକାଠି କରିଥିଲା। ଏହି ପଦେକ୍ଷେପ ଓଡ଼ିଶାର ନୀତିରେ ଗଭୀର ଭାବରେ ଜଡ଼ିତ ଗୋଷ୍ଠୀ-ପ୍ରଥମେ ସଂଗଠନ ଭାବରେ ବେଦାନ୍ତର ଭୂମିକାକୁ ଆହୁରି ମଜବୁତ କରିଥିଲା।

ଏହି ଉତ୍ସବରେ ଲୋକନୃତ୍ୟ ପ୍ରଦର୍ଶନ, ସ୍ଥାନୀୟ ଖେଳ, ଗୀତ ଗାଇବା ଅଧିବେଶନ, ରଙ୍ଗୋଲି ପ୍ରତିଯୋଗିତା ଏବଂ ପ୍ରତୀକାତ୍ମକ ରଜ ଦୋଳି ସମେତ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା, ଯାହା ଝିଅମାନଙ୍କ ପାଇଁ ବିଶେଷ ଆନନ୍ଦ ଆଣିଥିଲା। ଯାହା ଏହି ଉତ୍ସବର ଏକ ପ୍ରତୀକାତ୍ମକ ପରମ୍ପରାକୁ ଋଦ୍ଧିମନ୍ତ କରିଥିଲା। ଆଇଓଓ କର୍ମଚାରୀମାନେ ମଧ୍ୟ ଉତ୍ସବରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଉତ୍ସବ ଯୋଜନା ଏବଂ କାର୍ଯ୍ୟକାରୀ କରିବାରେ ସେମାନଙ୍କର ସମୟ ଏବଂ ପ୍ରୟାସ ସେମାନେ ସ୍ୱେଚ୍ଛାକୃତ ଭାବରେ ପ୍ରଦାନ କରିଥିଲେ। ବରିଷ୍ଠ ନେତୃତ୍ୱ ସହିତ ସେମାନଙ୍କର ଉପସ୍ଥିତି ବେଦାନ୍ତର ଅନ୍ତର୍ଭୁକ୍ତ ସଂସ୍କୃତି ଏବଂ ପ୍ରତ୍ୟେକ ସ୍ତରରେ ଗୋଷ୍ଠୀ ସହଭାଗୀତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ନେକ୍ସସ ଏସପ୍ଲାନେଡ୍‌ରେ ରଜ ପର୍ବ

**ଭୁବନେଶ୍ୱର,୨୧।୬:** ନେକ୍ସସ୍ ଏସ୍‌ପ୍ଲାନେଡ୍ ସବୁବେଳେ ସ୍ୱତନ୍ତ୍ର ଓ ଅନନ୍ୟ କାର୍ଯ୍ୟକ୍ରମ ଆଣିବା ପାଇଁ ପରିଚିତ ଯାହା ପ୍ରାସଙ୍ଗିକ ହୋଇଥାଏ। ଚଳିତ ରଜ ପର୍ବରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ୩ ଦିନିଆ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ସହରର ପ୍ରମୁଖ ଖୁଚୁରା ଗନ୍ତବ୍ୟସ୍ଥଳ ଏହି ରଜରେ ନାରୀତ୍ୱର ସମ୍ମାନର ଏକ ଭବ୍ୟ ଉତ୍ସବ ସହ ଓଡ଼ିଶାର ସବୁଠାରୁ ପ୍ରିୟ ପର୍ବର ଭାବନାକୁ ଗ୍ରହଣ କରୁଛି । ସପିଂ ଓ ମନୋରଞ୍ଜନ ପାଇଁ ଭୁବନେଶ୍ୱରର ଗନ୍ତବ୍ୟସ୍ଥଳ ଭାବେ ପରିଚିତ ନେକ୍ସସ ଏସପ୍ଲାନେଡ୍ ଏହି ରଜରେ ଆସୁଥିବା ସମସ୍ତଙ୍କ ପାଇଁ ଘର ଭଳି ଅନୁଭବ କରାଇବାକୁ ଲକ୍ଷ୍ୟ ରଖିଛି। ସାଙ୍ଗମାନଙ୍କ ସହ ଗୋଟିଏ ଦିନ ପାଇଁ ହେଉ, ପାର୍ବଣ ସପିଂ ହେଉ କିମ୍ବା କେବଳ ଆନନ୍ଦରେ ଭିଜିବା ହେଉ, ସମସ୍ତଙ୍କ ପାଇଁ ଏଠାରେ କିଛି ନା କିଛି ଅଛି। ଓଡ଼ିଶା ପାଇଁ ଅନନ୍ୟ ଏହି ୩ ଦିନିଆ ପର୍ବରେ ପୃଥିବୀ ମାତାଙ୍କ ବ୍ୟକ୍ତିତ୍ୱ ମାଧ୍ୟମରେ ପ୍ରକୃତିର ଚକ୍ର ପାଳନ କରିବା ସହିତ ଋତୁସ୍ରାବ ଓ ଉର୍ବରତାକୁ ପାଳନ କରାଯାଇଥାଏ। ଚଳିତ ବର୍ଷ ନେକ୍ସସ ଏସପ୍ଲାନେଡ୍ ଏକ ଆନନ୍ଦଦାୟକ ବାତାବରଣ ସୃଷ୍ଟି କରିଛି ଯେଉଁଥିରେ ରଜ ଦୋଳି, ପାରମ୍ପରିକ ଖେଳ, ମେହେନ୍ଦି କର୍ଣ୍ଣର ଏବଂ ସେଲ୍ଫି ସ୍ପଟ୍ ରହିଛି - ଯାହା ରଜ ପର୍ବର ପ୍ରକୃତ ଭାବନାକୁ ଧରିବା ପାଇଁ ଡିଜାଇନ୍ କରାଯାଇଛି । ରଜର ରଙ୍ଗକୁ ପ୍ରତିଫଳିତ କରୁଥିବା ଥିମଡ୍ ସଜ୍ଜା ଏବଂ ଇନ୍‌ଟରଆକ୍ଟିଭ୍ ଗେମ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏହି ମଲ୍ ଗୋଟିଏ ଛାତ ତଳେ ପରମ୍ପରା ଏବଂ ଆଧୁନିକତାକୁ ମିଶ୍ରଣ କରିବାକୁ ଲକ୍ଷ୍ୟ ରଖିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ